# ଅସ୍ତିତ୍ୱ ହରାଇବାକୁ ବସିଛି ଦଳଗଞ୍ଜନ ପ୍ରେସ୍

ବଲାଙ୍ଗିର, ୨୧।୨(ସମିସ)



**ଖାଲି କରୁଛି ବାଣିଜ୍ୟ ବିଭାଗ, କେନ୍ଦୁଝରକୁ ଦୁଇ ଜଣଙ୍କୁ ବଦଳି**

**ମୁହଁ ଖୋଲୁନାହାନ୍ତି କନକ ଓ ମୁକେଶ**

ରାଜ୍ୟରେ ଥିବା ସରକାରୀ ମୁଦ୍ରଣାଳୟ ବିଷୟରେ ବିଧାୟକଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ସାମ୍ନାକୁ ଆସିବା ପରେ ବଲାଙ୍ଗିର ଠାରେ ଥିବା ସରକାରୀ ଶାଖା ମୁଦ୍ରଣାଳୟ ବା ଦଳଗଞ୍ଜନ ପ୍ରେସ୍‌ର ଭବିଷ୍ୟତକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।ଗୋଟିଏ ପଟେ ମନ୍ତ୍ରୀ ସରକାରୀ ମୁଦ୍ରଣାଳୟ ଗୁଡିକର ଉନ୍ନତିକରଣ କଥା କହୁଥିବା ବେଳେ ଅନ୍ୟପଟେ ବଲାଙ୍ଗିର ମୁଦ୍ରଣାଳୟରୁ ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାକୁ ବଦଳି କରି ନେଇଥିଲେ।ଏହାରି ଭିତରେ ଦଳଗଞ୍ଜନର ଭବିଷ୍ୟତ ଓ ଏହାର ଉନ୍ନତିକରଣ କେଉଁଠି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।ବଲାଙ୍ଗିରର ଏହି ପୁରୁଣା ତଥା ପାଟଣା ଇତିହାସର ମୁକସାକ୍ଷୀ ଦଳଗଞ୍ଜନ ପ୍ରେସ୍‌ର ଉନ୍ନତିକରଣ ବଦଳରେ ଏହାକୁ ଅର୍କମଣ୍ୟ କରିବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଥିବା ଆଲୋଚନା ହେଉଛି।

ସ୍ୱତନ୍ତ୍ର ରାଜ୍ୟ ଗଠନ ପୂର୍ବରୁ ପାଟଣାରାଜ୍ୟ ବେଶ ଉନ୍ନତ ଓ ସମୃଦ୍ଧ ଥିଲା। ପାଟଣା ଶାସକମାନଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଥିଲା ଯାହାକି ଆଜି ବି ଲୋକଙ୍କ କାମରେ ଲାଗୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଦଳଗଞ୍ଜେନ ପ୍ରେସ୍। ଦଳଗଞ୍ଜନ ପ୍ରେସସ୍‌କୁ ସରକାର ନିଜ ଅଧିନକୁ ନେବା ପରେ ଏହି ସରକାରୀ ଶାଖା ମୁଦ୍ରଣାଳୟରେ ସରକାରୀ କାଗଜପତ୍ର, ସରକାରୀ ଲଫାଫା ତିଆରି କରାଯାଉଛି। ଏହି ପ୍ରେସ୍ ସରକାରଙ୍କ ଅଧିନରେ ଥିବା ପ୍ରେସ୍‌ମାନଙ୍କ ମଧ୍ୟରେ ସର୍ବପୁରାତନ। ଗୁରୁବାର ବିଧାନସଭାରେ ଦେବଗଡ଼ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରାଜ୍ୟରେ ଆଠଟି ସରକାରୀ ମୁଦ୍ରଣାଳୟ ରହିଥିବା ସୂଚନା ଦେଇଥିଲେ।ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଥିବା ଶାଖା ମୁଦ୍ରଣାଳୟ ସହ ରାଜଧାନୀରେ ଥିବା ଦୁଇ ମୁଦ୍ରଣାଳୟର ଉନ୍ନତିକରଣ କରାଯାଉଥିବା କହିଥିଲେ। ତେବେ ବଲାଙ୍ଗିର ଭଳି ଏକ ଶିଳ୍ପବିହୀନ ଜିଲ୍ଲାରେ ଥିବା ସର୍ବପୁରାତନ ମୁଦ୍ରଣାଳୟର ଉନ୍ନତିକରଣ କାମକୁ କାହିଁକି ଗୁରୁତ୍ୱ ଦିଆଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ବୟସାନୁସାରେ ଧିରେ ଧିରେ ଏହି ପ୍ରେସ୍‌କୁ ଅଣଦେଖା କରାଯାଇଥିଲା। ଏଠାରେ ଥିବା ମେସିନ ଗୁଡିକ ଅଚଳ ହେବା ପରେ ତାକୁ ମରାମତି କରାନଯାଇ ପକାଇ ରଖାଯାଇଥିଲା। ଯେଉଁଭଳି ଭାବେ ଅନ୍ୟ ପ୍ରେସ୍‌ମାନଙ୍କୁ ରାଜ୍ୟ ସରକାର ଧ୍ୟାନ ଦେଇଥିଲେ ଦଳଗଞ୍ଜନକୁ ସେହି ଗୁରୁତ୍ୱ ମିଳିନଥିଲା। ଫଳରେ ବର୍ତ୍ତମାନ ସମୟରେ ଏହି ଦଳଗଞ୍ଜନ ପ୍ରେସ୍ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି।ତଥାପି ଆଜିର ଦିନରେ ସରକାରୀ କାମରେ ବ୍ୟବହାର ହେଉଛି।ଏହି ପ୍ରେସ୍‌ରେ ସରକାରୀ ବାଇଣ୍ଡିଂ କାମ ହେଉଥିବା ବେଳେ ସରକାରୀ ଲଫାଫା ତିଆରି ହେଉଛି। ଏହି ପ୍ରେସ୍‌ରେ ପୂର୍ବରୁ ୬୨ ଜଣ କର୍ମଚାରୀ କାମ କରୁଥିବା ବେଳେ ଆଜିର ଦିନରେ ତାହା ୪କୁ ପହଞ୍ଚିଛି। କର୍ମଚାରୀମାନେ ଅବସର ନେବା ପରେ ଆଉ ନୂତନ କର୍ମଚାରୀ ନିୟୋଜିତ ହେଉନାହାନ୍ତି। କିଛି ବର୍ଷ ପୂର୍ବରୁ ଏହି ସଂଖ୍ୟା ସାତରେ ପହଥିଲା। କିଛି ମାସ ପୂର୍ବରୁ ଜଣେ କର୍ମଚାରୀ ଅବସର ନେଇଥିବା ବେଳେ ଗତ ନଭେମ୍ବର ମାସରେ ପୁଣି ଦୁଇ ଜଣ ରାଜେଶ କୁମାର ମୁଣ୍ଡା ଓ ସଞ୍ଜିବ କୁମାର ନାଏକଙ୍କୁ କେନ୍ଦୁଝର ଶାଖା ମୁଦ୍ରଣାଳୟକୁ ବଦଳି କରାଯାଇଥିଲା। ଏହା ପୂର୍ବରୁ ପ୍ରେସରେ ଥିବା ଐତିହାସିକ ମେସିନକୁ ନିଲାମ କରିଦିଆଯାଇଥିବା ବେଳେ ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା। ବଲାଙ୍ଗିର ଜିଲ୍ଲାରୁ ଦୁଇ ଜଣ ମନ୍ତ୍ରୀ ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ରେ ରହିଛନ୍ତି। ଅଥଚ ଦଳଗଞ୍ଜନ ପ୍ରେସ୍‌ର ଏହିଭଳି ଅବସ୍ଥାକୁ ନେଇ ପଦୁଟିଏ କହିନାହାନ୍ତି।ଅନ୍ୟପକ୍ଷରେ ଗୋଟିଏ ଜିଲ୍ଲାର ପ୍ରତିଷ୍ଠାନକୁ ପଙ୍ଗୁ କରି ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ମୁଦ୍ରଣାଳୟକୁ ଗୁରୁତ୍ୱ ଦେବା କେତେ ଯୁକ୍ତିଯୁକ୍ତ ଆଲୋଚନାର ବିଷୟ।ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଥିବା ଦଳଗଞ୍ଜନ ପ୍ରେସ୍‌କୁ ଗୁରୁତ୍ୱ ଦେଇ ଶୀଘ୍ର ଏହାର ଉନ୍ନତିକରଣ କରିବା ପାଇଁ ଦାବି ହୋଇଛି।

## ୧୦ଟି କେନ୍ଦ୍ରରେ ୧୩୭୧ ଜଣ ଦେଲେ ପରୀକ୍ଷା

# ୮୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଖପ୍ରାଖୋଲ, ୨୧।୨(ସମିସ)** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ପଞ୍ଜୀକରଣ ହୋଇଥିବା ୧୪୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୭୧ଜଣ ପରିକ୍ଷ୍ୟାର୍ଥି ମାଟ୍ରିକ ପରୀକ୍ଷା ଦେଉଛନ୍ତି। ସୂଚନା ଅନୁଯାୟୀ ଖପ୍ରାଖୋଲ ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ସମୁଦାୟ ୧୦ଟି ପରୀକ୍ଷା କେନ୍ଦ୍ର ହେଇଥିବା ବେଳେ ପରୀକ୍ଷା କେନ୍ଦ୍ରମାନଙ୍କରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ପରୀକ୍ଷା କେନ୍ଦ୍ର ଗୁଡିକରେ ପଞ୍ଜୀକରଣ ହୋଇଥିବା ୧୪୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।ବ୍ଲକରେଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖପ୍ରାଖୋଲ କେନ୍ଦ୍ରରେ ୧୦୮ ଜଣ ମଧ୍ୟରୁ ୧୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ସେହିପରି ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ, ମହରାପଦର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୦ରୁ ୧୫ ଜଣ ପରୀକ୍ଷାର୍ଥୀ, ନାନ୍ଦୁପଲା କେନ୍ଦ୍ରରେ ୧୨୭ରୁ ୫ଜଣ ପରୀକ୍ଷାର୍ଥୀ, ଫୁଲକିମୁଣ୍ଡା କେନ୍ଦ୍ରରେ ୧୦୮ରୁ ୯ ଜଣ ପରୀକ୍ଷାର୍ଥୀ, ମାଳପଡ଼ା ପରୀକ୍ଷା କେନ୍ଦ୍ରରେ ୨୦୮ରୁ ୨ ଜଣ ପରୀକ୍ଷାର୍ଥୀ, ଲାଠୋର ପରୀକ୍ଷା କେନ୍ଦ୍ରରେ ୧୪୯ରୁ ୩ ଜଣ ପରୀକ୍ଷାର୍ଥୀ, ଧାଣ୍ଡାମୁଣ୍ଡା ପରୀକ୍ଷା କେନ୍ଦ୍ରରେ୧୮୪ରୁ ୮ଜଣ ପରୀକ୍ଷାର୍ଥୀ, ମାଟିଆଭଟା ପରୀକ୍ଷା କେନ୍ଦ୍ରରେ ୧୭୨ରୁ ୧୯ ଜଣ ପରୀକ୍ଷାର୍ଥୀ ଓ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୮୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ତେବେ ପରୀକ୍ଷା କେନ୍ଦ୍ର ଗୁଡିକରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ହୋଇଥିବା ଜଣା ପଡ଼ିଛି।

# ବଞ୍ଚିତ ପରିବାରକୁ ବିଦ୍ୟୁତ୍ ସଂଯୋଗ

ସକାଳ ପ୍ରଭାବ

**ତୁରେକେଲା, ୨୧।୨(ସମିସ):** ବଣପାହାଡ଼ ଭିତରେ ଜୀବନଯାପନ କରୁଥିବା ୧୨ ଟି ପରିବାରକୁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସେବାରୁ ବଞ୍ଚିତ କରିଥିବା ନେଇ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ତତ୍ପରତା ପ୍ରକାଶ କରିଛି ବିଭାଗ। ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ୧୨ଟି ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେଇଛି।ସୂଚନା ଅନୁସାରରେ ଜିଲ୍ଲାର ଉପାନ୍ତ ତୁରେକେଲା ବ୍ଲକର ଲାଳଗଡ଼ ଭାବେ ପରିଚିତ କୁଆଁବାହାଲି ଝରଣ ଗାଁ। ଘଞ୍ଚ ଜଙ୍ଗଲ ବଣପାହାଡ଼ ତଳେ ବହୁ ଆଦିବାସୀ ସମ୍ପ୍ରଦାୟର ପରିବାରଜୀବନ ବିତାଉଛନ୍ତ। ଗତ ଡିସେମ୍ବର ମାସରେ ଟାଟା ପାୱାର କର୍ମଚାରୀ ଗାଁ ବିଦ୍ୟୁତ୍ ବିଲ୍ ଟଙ୍କା ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ଥିବା ୧୨ ଟି ପରିବାର ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ପାଉଣା ନ ଦେଇଥିବା ଅଭିଯୋଗ ଆଣି ପ୍ରାୟ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ କରିଥିଲେ। ପ୍ରାୟ ୨ ମାସରୁ ଅଧିକ ସମୟ ହେଲା ସେମାନେ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା 'ସକାଳ'ରେ ଖବର ପ୍ରକାଶିତ ପରେ ୧୨ପରିବାରକୁ ପୁଣି ଥରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ସେଥିପାଇଁ ୧୨ପରିବାର 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# ଟ୍ରାଫିକ୍ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ

**ବଲାଙ୍ଗିର, ୨୧।୨(ସମିସ):** ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପିପି ଏକାଡେମୀ ସ୍କୁଲ ସମ୍ମୁଖରେ ଏକ ଟ୍ୟାଙ୍କର ଗାଡ଼ିକୁ ଅଟକାଇଥିଲା ଟ୍ରାଫିକ ପୁଲିସ। ଗାଡ଼ିକୁ ଅଟକାଇବା ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ପଚରାଉଚୁରା କରିବା ପରେ ଜଣାପଡ଼ିଥିଲା ପାଟଣାଗଡ଼ ପଟୁ ଗାଡ଼ି ନୋ ଏଣ୍ଟ୍ରି ପଏଣ୍ଟ କ୍ରସ କରି ଆସିଛି। ନୋ ଏଣ୍ଟ୍ରି ସମୟରେ ସହର ଭିତରକୁ ଭାରୀଯାନ ପ୍ରବେଶ କରିବା ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ନୋଏଣ୍ଟ୍ରି ପଏଣ୍ଟଦେଇ ସହର ଭିତରକୁ ଗାଡି କେମିତି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାର୍ଯ୍ୟରତ କର୍ମଚାରୀମାନେ ଟଙ୍କା ନେଇ ଗାଡ଼ି ଛାଡିଦେଉଥିବା ଆଲୋଚନା ହେଉଛି।

## ଦେଓଗାଁ ବ୍ଲକ୍‌ରେ ପରୀକ୍ଷା ଦେଲେ ୧୨୯୮ ଛାତ୍ରଛାତ୍ରୀ

# ଆସିଲେନି ୪୭ ପିଲା

**ଦେଓଗାଁ, ୨୧।୨(ସମିସ):**ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୧୦ଟି କେନ୍ଦ୍ରରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଦେଓଗାଁ, କୁତୁର୍ଲା, ବନ୍ଧପଡ଼ା, ବଡବାହାଲ, ଅର୍ଜୁନପୁର, ରାମଚନ୍ଦ୍ରପୁର, ଜରାସିଂହା, ସାଲେପାଲି, ଉପରଝର, କରୁଆଁଝର ଆଦି ୧୦ଟି କେନ୍ଦ୍ରରେ ବ୍ଲକର ୨୮ଟି ହାଇସ୍କୁଲର ୧୨୯୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ତନ୍ମଧ୍ୟରୁ କରୁଆଁଝର କେନ୍ଦ୍ରରେ ୧୧ଜଣ, ବନ୍ଧପଡ଼ାରେ ୯, ଅର୍ଜୁନପୁରରେ ୮, ସାଲେପାଲିରେ ୬, କୁତୁର୍ଲାରେ ୫, ଉପରଝରରେ ୩, ବଡବାହାଲରେ ୩, ଜରାସିଂହାରେ ୨ ମୋଟ ୪୭ଜଣ ଛାତ୍ରଛାତ୍ରୀ ଉକ୍ତ କେନ୍ଦ୍ରମାନଙ୍କରେ ଅନୁପସ୍ଥିତଥିବା ନୋଡାଲ ଅଧିକାରୀ ଅମ୍ବରିଶ ଭୋଇ ସୂଚନା ଦେଇଛନ୍ତି।ବ୍ଲକର ଉପାନ୍ତରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡିଦେଇଥିବା ବେଳେ ତାଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇ ଆଣି ନାମ ଲେଖାଇ ପାଠପଢ଼ିବାକୁ ଶିକ୍ଷକ ମାନେ ଅନେକ ଉଦ୍ୟମ ଜାରୀରଖିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଗୁଡିକରେ ଉପସ୍ଥାନ ଖାତାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରହୁଥିବା ସ୍ଥଳେ ବିଦ୍ୟାଳୟରେ କେବେ ତାଙ୍କୁ ଦେଖା ମିଳେନାହିଁ।ଉପାନ୍ତ ଅଞ୍ଚଳର ଗରିବ ପରିବାର ପ୍ରତିବର୍ଷ ଦାଦନ ଖଟିଯିବା ଏକ ସ୍ୱାଭାବିକ ପ୍ରକ୍ରୀୟା। ବର୍ତ୍ତମାନ ଅନେକ ପରିବାର ବାହାର ରାଜ୍ୟରେ ଦାଦନ ଖଟୁଥିବାରୁ ପ୍ରାୟତଃ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ପଡ଼ିଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଝରିଆଲରେ ମହାଶିବରାତ୍ରି ମେଳା ଓ ୬୪ ଯୋଗିନୀ ମହୋତ୍ସବ

# ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ

**ବଙ୍ଗୋମୁଣ୍ଡା, ୨୧।୨(ସମିସ):** ୬୪ ଯୋଗିନୀ ପୀଠରେ ମହାଶିବରାତ୍ରି ମେଳା ଓ ଚଉଷଠି ଯୋଗିନୀ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରାଣୀପୁର ଝରିଆଲ।ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ସ୍ଥିତ ପ୍ରାକ୍ ଐତିହାସିକସ୍ଥଳୀ ତଥା ଆଦି ଯୋଗିନୀ ପୀଠ ରାଣୀପୁର ଝରିଆଲରେ ମହାଶିବରାତ୍ରି ମେଳା ଓ ମହୋତ୍ସବ ପାଳନ କରାଯିବ ନେଇ ରାଣୀପୁର ଝରିଆଲ ଟ୍ରଷ୍ଟ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ସଭାପତି ମାଣିକ ଚନ୍ଦ ଜୈନ ଓ ଆବାହକ ଅନିଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଆସନ୍ତା ୨୫ ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମହାଶିବରାତ୍ରି ମେଳା ଓ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଆୟୋଜନ ହେବ।ରାଣୀପୁର ଝରିଆଲ ପୀଠକୁ ଏଏସଆଇ ନିଜ ହାତକୁ ନେବାପରେ ଅଦ୍ୟାବଧି କୌଣସି ମୌଳିକ ସୁବିଧା ଯୋଗାଇବାରେ ସକ୍ଷମ ହୋଇନଥିଲେ ହେଁ ପିଠରେ ମହାଶିବରାତ୍ରି ମେଳା ଓ ମହୋତ୍ସବରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। କଣ୍ଟାବାଞ୍ଜି ବିଧାୟକ ତଥା ମେଳା ଓ ମହୋତ୍ସବର ଅଧ୍ୟକ୍ଷ ଶ୍ରୀ ବାଗଙ୍କ ନେତୃତ୍ୱରେ ଟ୍ରଷ୍ଟ କମିଟିର ଅନ୍ୟମାନଙ୍କ ସହ ଆବାହକ ଅନିଲ କୁମାର ତ୍ରିପାଠୀ, ରାଣୀପୁର ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଠେମରା ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ହେମନ୍ତ ସାହୁ ପ୍ରମୁଖ ଭୁବନେଶ୍ୱରଯାଇ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ୬୪ ଯୋଗିନୀ ମହୋତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ସେହିପରି ଆଉ ଏକ କମିଟିରେ ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ମଞ୍ଜେସ ମେହେର, ଯୁବରାଜ ବାଗ, ନିତ୍ୟାନନ୍ଦ ପୃଷେଠ, ପ୍ରମୁଖ ବଲାଙ୍ଗିର ଜିଲ୍ଲାପାଳ, ଜିଲ୍ଲା ପୁଲିସ ଅଧିକ୍ଷକ, ଟିଟିଲାଗଡ଼ ଉପଜିଲ୍ଲାପାଳ, ଟିଟିଲାଗଡ଼ ଏସ୍‌ଡିପିଓ ପ୍ରମୁଖଙ୍କୁ ଭେଟି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ନିବେଦନ କରିଥିଲେ।ଏଥର ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର ଓ ନେତା ଅଭିନେତା ମହୋତ୍ସବରେ ସାମିଲ ହେବା ପାଇଁ ସହମତି ଦେଇଥିବାରୁ କମିଟି ତରଫରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।



# ପୂର୍ଣ୍ଣଚନ୍ଦ୍ର ବେହେରା ଶୁଣ୍ଡି ସମାଜର କୁଳପତି

**କଣ୍ଟାବାଞ୍ଜି, ୨୧।୨(ସମିସ):** ନିଖିଳ ଉତ୍କଳ ସୁବର୍ଣ୍ଣ ଗ୍ରାହୀ ଶୁଣ୍ଡି ସମାଜର ମହାସଭା ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭାରେ ଓଡ଼ିଶାର କୋଣ ଅନୁକୋଣରୁ ଶହ ଶହ ସଂଖ୍ୟାରେ ମହାସଭାରେ ଯୋଗ ଦାନ କରିଥିଲେ। ପ୍ରଥମେ ଶୁଣ୍ଡି ସମାଜର ଇଷ୍ଟ ଦେବୀ ସୁବର୍ଣ୍ଣ ଗ୍ରାହୀ ଙ୍କୁ ପୂଜାର୍ଚ୍ଚନା କରି ସଭକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ନିୟମ କାନୁନକୁ ସଂଶୋଧନ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଓ ଶକ୍ତିଶାଳୀ ଶୁଣ୍ଡି ସମାଜ ଗଠନ କରିବା ପାଇଁ ଉପସ୍ଥିତ ମଞ୍ଚାସିନ ବକ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗୁରୁତ୍ୱାରୋପ କରିଥିଲେ। ନାରୀମାନେ ଶସକ୍ତ ଓ ଶିକ୍ଷାର ବୃଦ୍ଧି ହିଁ ସମାଜ ଆଗକୁ ଯିବ ଓ ସସକ୍ତ ହେବା ସହ ଯୁବପିଢ଼ି ଆଗେଇଲେ ହିଁ ଆଗାମୀ ଦିନରେ ସାରା ଓଡ଼ିଶାରେ ସୁବର୍ଣ୍ଣଗ୍ରାହୀ ଶୁଣ୍ଡି ସମାଜ ସ୍ୱତନ୍ତ୍ର ପରିଚୟ ସ୍ୱଷ୍ଟି କରି ଶକ୍ତିଶାଳୀ ସମାଜ ଭାବେ ଅଞ୍ଚଳରେ ଉଭା ହେବା ସହିତ ଖ୍ୟାତି ଅର୍ଜନ କରିବ ବୋଲି ମଞ୍ଚାସିନ ବକ୍ତାମାନେ ମତ ବ୍ୟକ୍ତ ରଖିଥିଲେ। ଶେଷରେ ସର୍ବସମ୍ମତି କ୍ରମେ ନିଖିଳ ଉତ୍କଳ ସୁବର୍ଣ୍ଣ ଗ୍ରାହୀ ଶୁଣ୍ଡି ସମାଜର ପରିଚାଳନା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କୁ ସର୍ବ ସ୍ମତି କ୍ରମେ ଅଲ ଓଡ଼ିଶା ପ୍ରାନ୍ତ ଶୁଣ୍ଡି ସମାଜର କୁଳପତି ଭାବେ ଚୟନ କରାଯାଇଛି।ସେହିପରି ଉପକୁଳପତି ଭାବେ ଦଶମୁ ବେହେରା, ତାରିଣୀସେନ ବେହେରା, ସମ୍ପାଦକ ହରିହର ବେହେରା, ସହସମ୍ପାଦକ ପୁଲସ୍ତି ବେହେରା, କ୍ଷୀତିଶ ବେହେରା, କୋଷାଧ୍ୟକ୍ଷ ଡମ୍ବରୁ ବେହେରାଙ୍କୁ ମନୋନୀତ କରି ଶୁଣ୍ଡି ସମାଜର ସମସ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି।



# ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ବୃଦ୍ଧା ବାସନ୍ତୀ

**କଣ୍ଟାବାଞ୍ଜି, ୨୧।୨(ସମିସ):** ଅତି ଗରିବ ଶ୍ରେଣୀ ପରିବାର ଅନ୍ୟ ପାଖରେ ମୁଲ ଲାଗିଲେ ଘରେ ଚୁଲି ଜଳେ। ଗାଁରେ କୌଣସି କାମ ଧନ୍ଦା ନ ପାଇବା ପରେ ପୁଅ ବୋହୂ ତାଙ୍କ ପିଲାଛୁଆକୁ ନେଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଗତ କିଛି ବର୍ଷ ତଳେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜିଛନ୍ତି ସ୍ୱାମୀ। ଏବେ ଗାଁରେ ଏକା ଏକା ଭିନ୍ନକ୍ଷମ ବୃଦ୍ଧା ବାସନ୍ତୀ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ବେହେରେନସିଲେଟ ଗାଁରେ ୮୦ ବର୍ଷିଆ ଭିନ୍ନକ୍ଷମ ବୃଦ୍ଧା ବାସନ୍ତୀ ମାଝୀଙ୍କ କାହାଣି। ପେଟ ପାଇଁ ରାଜ୍ୟ ବାହାରକୁ ପୁଅ ବୋହୂ ଦାଦନ ଯାଇଥିବା ବେଳେ ଗାଁରେ ସେ ଏକା ରହୁଛନ୍ତି। ସରକାର ଗରିବଗୁରୁବାଙ୍କ ପାଇଁ ବହୁ ଯୋଜନା କରୁଥିବା ବେଳେ ଦାୟିତ୍ୱ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଯୋଜନାର ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ବୃଦ୍ଧା ବାସନ୍ତି।ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବୃଦ୍ଧା ଓ ତାଙ୍କ ପୁଅ-ବୋହୂ ଅର୍ନ୍ତଭୁକ୍ତ ଥିବା ବେଳେ ସେମାନେ ଗାଁରେ ରହୁନଥିବା କହି ଦାୟିତ୍ୱ ଥିବା ଅଫିସରମାନେ କେବଳ ବୃଦ୍ଧା ବାସନ୍ତୀଙ୍କୁ ୫ କେଜି ଚାଉଳ ଦେଉଛନ୍ତି। ୫କେଜି ଚାଉଳ ଏକ ମାସ ଯାଉନଥିବାରୁ ଅନେକ ସମୟରେ ସେ ଭୋକ ଉପାସରେ ଦିନ କାଟୁଥିବା କହିଛନ୍ତି।ସେହିପରି ବୃଦ୍ଧା ଜଣକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ହାତରେ ପ୍ରଦାନ ନ କରି ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିବା ଯୋଗୁଁ ବୃଦ୍ଧା ଜଣକଙ୍କ ବ୍ୟାଙ୍କ ଯାଇ ଭତ୍ତା ଟଙ୍କା ଆଣିବାକୁ ସକ୍ଷମ ନୁହନ୍ତି। ସେ ଗାଡି ଭଡ଼ା କରି ଟଙ୍କା ପାଇ ବ୍ୟାଙ୍କ ଗଲେ ୫ଶହ ଟଙ୍କା ଗାଡି ଭଡ଼ାରେ ଖର୍ଚ୍ଚ ହେବ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବାସନ୍ତୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ସହ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସକୁ ୩୫ କେଜି ଚାଉଳ ଯୋଗାଇ ଦେବାକୁ ଦାବି ହୋଉଛି।



## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

# ପରୀକ୍ଷା ଦେବାକୁ ଆସିଲେନି ୭୩୭ ପିଲା



**ବଲାଙ୍ଗିର, ୨୧।୨(ସମିସ):** ଫେବୃଆରୀ ୨୧ ତାରିଖ ଦିନ ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ ହୋଇଥିଲା। ଜିଲ୍ଲାର ୧୬୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିବା ବେଳେ ପ୍ରଥମ ଦିନରେ ମୋଟ ୨୨ ହଜାର ୪୨ ପିଲା ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପ୍ରଥମ ଦିନ ପରୀକ୍ଷାରେ ୭୩୭ ପିଲା ପରୀକ୍ଷା ଦେବାକୁ ଆସିନଥିବା ଜଣାପଡ଼ିଛି। ଜିଲ୍ଲାର ୧୪ଟି ବ୍ଲକ ଏବଂ ବଲାଙ୍ଗିର ସହରର ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ଅନୁପସ୍ଥିତ ପରୀକ୍ଷାର୍ଥୀମାନେ ରହିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଥିବାବେଳେ କୌଣସି ପିଲା ପରୀକ୍ଷା ସମୟରେ ଅନିୟମିତତା କରିନଥିବା ଜଣାପଡ଼ିଛି।

# ବିଶ୍ୱ ମାତୃଭାଷା ଦିବସ ପାଳିତ

**ଖପ୍ରାଖୋଲ, ୨୧।୨(ସମିସ):**ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ତାଲିମ ଶିବିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଧନ କର୍ମୀ ଜିତେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷୟତ୍ରୀ ସତ୍ୟଭାମା ସାହୁ, ମୁଖ୍ୟବକ୍ତା ଭାବରେ ଧରମ ସିଂ ଧରୁଆ, ସମ୍ମାନିତ ଅତିଥି ଭାବରେ ମକାରୁ ଭୁଏ, ନାରାୟଣ କିଷାନ, ଦିବାକର ମହାପାତ୍ର, ସାଧନକର୍ମୀ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ସଭାକୁ ସାଧନକର୍ମୀ ମନୋରଞ୍ଜନ ବାରିକ ସଂଯୋଜନା କରିଥିବାବେଳେ, ଗୋଲାପ ବିଶି ଶପଥ ପାଠ କରାଇ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟୁନୁ ଶବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭାଗୀୟ ଆଧ୍ୟାପକ ପ୍ରଦ୍ୟୁମ୍ନ ବାଗ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ।ସ୍ନାତକୋତ୍ତର ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯାଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ମାତୃଭାଷା ଏକ ଜାତିର ଉତ୍‌ଥାନ ପାଇଁ ଏକ ଶକ୍ତିଶାଳୀ ଓ ମହାନ ଅସ୍ତ୍ର ବୋଲି ମତ ପ୍ରକାଶ ପାଇଥିଲା। ଭାଷା, ଭାବ, ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରତିପାଳିତ ହୁଏ ବୋଲି ଛାତ୍ରଛାତ୍ରୀ ମତ ଦେଇଥିଲେ। ଛାତ୍ର ବେଣୁଧର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ତୁରେକେଲା:** ତୁରେକେଲା ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟମାନଙ୍କରେ ମାତୃଭାଷା ଦିବସ ପାଳିତ ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ତୁରେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁ ସଭା ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଶିକ୍ଷୟିତ୍ରୀ ନିବେଦିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ବକ୍ତୃତା ଓ ଶ୍ରୁତ ଲିଖନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ବିରଞ୍ଚି ନାରାୟଣ ଦାଶ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଦିବସର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ, ଟିକେଶ୍ୱରୀ ସେଠ, ବିନୋଦିନୀ ତାଣ୍ଡୀ, ରଜନୀ ମେହେର ଉପସ୍ଥିତ ଥିଲେ।ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀ ଦାଶ ଅତିଥି ଭାବରେ ଯୋଗଦେଇ ଗଳ୍ପ ମାଧ୍ୟମରେ ମାତୃଭାଷାର ଉପକାରିତା ଉପରେ ବୁଝେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର ଓ ଧରିତ୍ରୀ ମେହେର ମାତୃଭାଷାରେ କିପରି ଗପ କହିବେ ପ୍ରୋତ୍ସାହିତ କରିଥିଲେ।ସେହିପରି ତୁରେକେଲା ଆଶ୍ରମ ବିଦ୍ୟାଳୟ, ବକବାହାଲ, ଗଇଁତାପଡ଼ା, ବାଞ୍ଜିପାଲି, ବାଗବେଲ, ଗଞ୍ଜାଉଡାର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦେବ ବଗର୍ତ୍ତୀ, ପାର୍ଥବ ମହାନନ୍ଦ, ଗୋପାଳ ଧରୁଆ, ସୂର୍ଯ୍ୟମଣି ସିଠ, ସୁକାନ୍ତି ମାଝୀ, ରାଜ କିଶୋର ନାଗ, ସୁରୁମଣି ମେହେର, ଧର୍ମବନ୍ତୀ ପୁଟା, ଡମ୍ବରୁ ମେହେର, ପ୍ରଫୁଲ୍ଲ ମାଝୀ, ପୀତାମ୍ବର ଲୁହା ପାଳନ କରିଥିଲେ।

# ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା

ପାଟଣାଗଡ଼, ୨୧।୨(ସମିସ)



**ନିର୍ମାଣକାରୀ ଠିକା ସଂସ୍ଥାକୁ ଅନୁକମ୍ପା**

**କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡିବା ଆଶଙ୍କା ଘଟଣା 'ସକାଳ'ରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଯେଉଁ ଠିକା ସଂସ୍ଥା ସେତୁ ନିର୍ମାଣ କରିଥିଲା ବିଭାଗ ଭିତିରିଆ ଘଣ୍ଟ ଘୋଡାଇବା ପାଇଁ ଚେଷ୍ଟା କରୁଥିଲା। ସ୍ପାନ୍ ଗୁଡିକରେ ଫାଟ ହେବା ଘଟଣା ପ୍ରଘଟ ପରେ ଏବେ ବିଭାଗର ବଡ଼ ବାବୁମାନେ କିଭଳି ଘଟଣାକୁ ଚାପି ଦିଆଯିବ ଓ ଠିକା ସଂସ୍ଥାକୁ ଅନୁକମ୍ପା ଦିଆ ଯାଇପାରିବ ପ୍ରୟାଶ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତ୨୦୧୬-୧୭ରେ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପୂର୍ବରୁ ହିଁ ବିଭାଗର ଅଧିକାରୀଙ୍କୁ ହାତ ବାରିଶି କରି ଠିକା ସଂସ୍ଥା ପୁରସ୍କାର ରାଶି ହାତେଇବା ପାଇଁ ସମୟ ଅବଧି ଭିତରେ ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରି ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରି ଦେଇଥିଲା। ବିଭାଗ ମଧ୍ୟ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଠିକା ସଂସ୍ଥାକୁ ସବାସୀଦେଇ ପୁରସ୍କୃତ କରିଥିଲା। କିନ୍ତୁ ସେତୁ ନିର୍ମାଣର ଚାରି ବର୍ଷ ପରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଘଟଣା ପ୍ରଘଟ ହୋଇଥିଲା ଓ ସେତୁ ଭୁଶୁଡି ଦୁଇ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିଲା। ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଠିକା ସଂସ୍ଥାକୁ କଳା ତାଲିକା ଭୁକ୍ତ ମଧ କରିଥିଲେ। କିନ୍ତୁ ବିଭାଗ ଚଞ୍ଚକତା କରି ଭିତିରିଆ ଅନ୍ୟଜଣକୁ କାର୍ଯ୍ୟ ହସ୍ତାନ୍ତର କରିଥିଲେ ମଧ ପରୋକ୍ଷରେ ସେହି ଠିକା ସଂସ୍ଥା ଉପରିସ୍ଥ ଅଧିକାରୀଙ୍କୁ ହାତବାରିଶୀ କରି ପୁଣି ସେହି କାର୍ଯ୍ୟ କରିଥିଲା। ସେ ସମୟର ତତ୍କାଳୀନ ଏସଡ଼ିଓ ନିଜକୁ ବଞ୍ଚାଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ ଓ ପରେ ଯୋଗଦେଇଥିବା ସହକାରୀ ଯନ୍ତ୍ରୀକୁ ବିଭାଗ ବଳି ପକାଇ ଦେଇଥିଲା। ବର୍ତ୍ତମାନ ସେତୁର ସ୍ପାନ ଗୁଡିକରେ ଫାଟ ସୃଷ୍ଟି ହେବା ଓ ଉପର ଭାଗରେ ଥିବା ସ୍ପାନରେ ପ୍ରସାରିତ ହେବା ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ତଥାପି ମଧ ବିଭାଗ ଜାଣିଶୁଣି ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇ ଚାଲିଛି। ଅନ୍ୟପଟେ ଅଞ୍ଚଳବାସୀଙ୍କ ମଧ୍ୟରେ ଏ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କେତେବେଳେ ଯେ ଆନ୍ଦୋଳନର ରୂପ ନେବ କିଛି କୁହାଯାଇନପାରେ। ମିଳିଥିବା ସୂଚନାନୁସାରେ ଅଞ୍ଚଳବାସୀ ସେତୁର ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ଅପଦସ୍ଥ ହେଉଛନ୍ତି ଓ ବିଭାଗ ଠିକା ସଂସ୍ଥାକୁ ବାରମ୍ବାର ଅନୁକମ୍ପା ଦେଖାଇ ଆସୁଛି। ଏନେଇ ବିଭାଗ ଠିକା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନକୁ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

**କୋଇଲା ବ୍ୟବସାୟୀ ବିନୋଦ ଓ ଦୀପା ହତ୍ୟାକାଣ୍ଡ ମାମଲା**

# ଦୀପାଙ୍କୁ ହତ୍ୟା ପୂର୍ବରୁ ୩ଥର ତଣ୍ଟି ଚିପିଥିଲେ ଅଭିଯୁକ୍ତ



ଫାଇଲ୍ ଫଟୋ









**ହତ୍ୟାକାରୀମାନେ ବିନୋଦଙ୍କୁ ମାଗିଥିଲେ ୫ କୋଟି !**

ରାଉରକେଲା, ୨୧।୨(ସମିସ)

ସୁନ୍ଦରଗଡ଼ ଜିଲ୍ଲାର ବହୁ ଚର୍ଚ୍ଚିତ କୋଇଲା ବ୍ୟବସାୟୀ ବିନୋଦ ଦାରୁକା ଓ ତାଙ୍କ ଘରେ କାର୍ଯ୍ୟ କରୁଥିବା ପି. ଦୀପା ରାୟ ହତ୍ୟାକାଣ୍ଡର ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ତଥ୍ୟ ଲୋକଲୋଚନକୁ ଆସିବାରେ ଲାଗିଛି। ଦୀପାଙ୍କୁ ଅପହରଣ କରିବା ପରେ ତଣ୍ଟିକାଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା ତାର ନିଜ ସାନ ଭଉଣୀ ରାଧା ସ୍ୱାଇଁ ଏବଂ ତାର ଯୁବକ ବନ୍ଧୁମାନେ। ସେହିପରି କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କୁ ମଧ୍ୟ ଘରୁ ଅପହରଣ କରି କୁତ୍ରା ଗମାରଡିହ ଠାରେ ଗୁଳିକରି ମାରିଥିଲେ। ଉଭୟ ହତ୍ୟାକାଣ୍ଡରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଦୀପାର ସାନ ଭଉଣୀ ସହ ୭ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ଦୀପା ହତ୍ୟା ପୂର୍ବରୁ ଥଣ୍ଡା ପାନୀୟରେ ଦେଇଥିଲେ ନିଶା ବଟିକା

ଗତ ୧୧ ତାରିଖ ରାତି ଥିଲା ଦୀପା ପାଇଁ କାଳରାତ୍ରି। ତା'ର ସାନ ଭଉଣୀ ରାଧା ତା' ଜୀବନରେ କାଳ ସାଜି ଆସିଥିଲା। ସୂଚନା ଅନୁସାରେ ସେଦିନ ଅପରାହ୍ଣ ପ୍ରାୟ ଅଢେଇଟା ବେଳେ ଦୀପାକୁ ତା'ର ସାନ ଭଉଣୀ ଫୋନ କରି କହିଥିଲା ଯେ ତାର ପ୍ରେମିକ ଟାକଲୁ ଅନ୍ୟ ଜଣେ ଯୁବତୀ ସହ ସେକ୍ଟର ୧୪ ରେ ଏକ ଘରେ ଅଛି। ରାଧାର ପ୍ରସ୍ତାବ କ୍ରମେ ଦୀପା ଟାକଲୁକୁ ରେଡ୍ ହ୍ୟାଣ୍ଡ ଧରିବା ପାଇଁ ରାଧା ସହ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲା। ଏହାପରେ ରାଧାର ଗାଡ଼ିରେ ଦୀପା ରହୁଥିବା ରଘୁନାଥପାଲୀ ଥାନା ଅଧୀନ କୋଏଲ ବ୍ୟାଙ୍କ ବସ୍ତିରେ ପହଞ୍ଚିଥିଲା। ଦୀପାକୁ ରାଧା ତାର ଘରୁ ନେଇ ଆସିଥିଲା। ମାତ୍ର ଦୀପା ଜାଣି ନଥିଲା ଯେ ସେ ନିଜ ପ୍ରେମିକକୁ ଖୋଜିବାକୁ ଯାଉ ନ ଥିଲା ବରଂ ନିଜ ମୃତ୍ୟୁକୁ ଭେଟିବାକୁ ଯାଉଥିଲା। ଗାଡ଼ିରେ ବସିବା ପରେ ରାଧା କୌଶଳ କ୍ରମେ ତାକୁ ଥଣ୍ଡା ପାନୀୟରେ ନିଶା ବଟିକା ମିଶାଇ ପିଇବାକୁ ଦେଇଥିଲା। ଏହାପରେ ଦୀପା ନିଶାଗ୍ରସ୍ତ ହୋଇ ସଞ୍ଜ୍ଞାହୀନ ହୋଇ ପଡ଼ିବା ପରେ ତାର ହାତଗୋଡ଼, ମୁହଁ ବାନ୍ଧି ଦେଇଥିଲେ। ଏହାପରେ ପୂର୍ବ ଯୋଜନା ମୁତାବକ ରାଧାର ସହଯୋଗୀ ମନୋଜ ଦାସ, ଉକ୍ତ ଗାଡ଼ିରେ ଚଢ଼ିଥିଲା। ସେମାନେ ସେକ୍ଟର ୧୪ରେ ପହଞ୍ଚିବା ପରେ ରାଧା ଭ୍ୟାନ୍‌ରୁ ଓହ୍ଲାଇ ପଡ଼ିଥିଲା। ରାତି ୮ଟା ବେଳକୁ ଦୀପାର ଚେତା ଫେରିବା ଆସିବାରୁ ସେ ମନୋଜକୁ ଚିହ୍ନି ଦେଇଥିଲା। ତାକୁ କାହିଁକି ବନ୍ଧା ଯାଇଛି ଏବଂ ସେମାନେ ତାକୁ କୁଆଡେ ନେଉଛନ୍ତି ବୋଲି ପଚାରିବାରୁ ମନୋଜ ତାକୁ ଆଉଥରେ ନିଶା ମିଶ୍ରିତ ଥଣ୍ଡା ପାନୀୟ ଦେଇଥିଲା। ଏହି ସମୟରେ ତାକୁ ରାଉରକେଲା, ବେଦବ୍ୟାସ, କଳୁଙ୍ଗା ବିଭିନ୍ନ ଅଞ୍ଚଳରେ ବୁଲାଇଥିଲେ।

## ଇନୋଭାରୁ ଅପହର୍ତ୍ତାମାନେ ବିନୋଦଙ୍କୁ ଦାବି କରିଥିଲେ ଟଙ୍କା

ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିବା ପରେ ପ୍ରାୟ ସାଢ଼େ ୯ଟାରେ ରାଧା ପୁଣି ଇନୋଭାରେ ଚଢ଼ିଥିଲା। ରାଧା ଇନୋଭାର ଆଗ ସିଟ୍‌ରେ ବସିଥିବାବେଳେ ପଛ ସିଟ୍‌ରେ ମନୋଜ ଓ ଅନିଶ ବସିଥିଲେ। ସେମାନଙ୍କ ମଝିରେ ହାତଗୋଡ଼ ବନ୍ଧା ଅବସ୍ଥାରେ ଅଚେତ ଅବସ୍ଥାରେ ବସିଥିଲା ଦୀପା। ଅନ୍ୟ ଏକ ସିମ୍ କାର୍ଡରୁ ଅପହର୍ତ୍ତାମାନେ ବିନୋଦଙ୍କୁ ଫୋନ କରି ଟଙ୍କା ଦାବି କରିଥିଲେ। ମାତ୍ର ବିନୋଦ ସେମାନଙ୍କ କଥାକୁ ଭ୍ରୁକ୍ଷେପ କରି ନ ଥିଲା।

## ଦୀପା ଅପହରଣବେଳେ କାର୍‌କୁ ଏସ୍‌କର୍ଟ କରି ନେଉଥିଲେ ସୂରଜ ଓ ଭବେଶରାଜ

ପୁଲିସ ଚେକିଂରେ ଧରା ପଡ଼ିଯିବା ଭୟରେ ସୁରଜ କୁମାର ସିଂହ ଓ ଭବେଶରାଜ ଚୈଧୁରୀ ୨ଟି ମୋଟର ସାଇକଲରେ ସେମାନଙ୍କ ଇନୋଭା ଆଗେ ଆଗେ ଏସ୍କର୍ଟ କରି ନେଇଥିଲେ। ବିଶ୍ରା ଛକରେ ପୁଲିସ ଚେକିଂ ଦେଖି ସେମାନେ ଝାଡ଼ଖଣ୍ଡ ଯିବା ପରିବର୍ତ୍ତେ ଲାଠିକଟା ଅଭିମୁଖେ ଯାଇଥିଲେ।

## ତଣ୍ଟି କାଟିବା ବେଳେ ସାନଭଉଣୀ ରାଧାକୁ ବଞ୍ଚାଇବାକୁ କରିଥିଲା ଅନୁରୋଧ

ରାତି ୧୧ଟାରେ ରାଧା ନିଷ୍ପତ୍ତି ନେଇଥିଲା ଦୀପାକୁ ଜୀବନରୁ ମାରି ଦେବା ପାଇଁ। ଏହାପରେ ସେମାନେ ରାଉରକେଲାରୁ ଲାଠିକଟା ଆଡ଼େ ନିଛାଟିଆ ଜଙ୍ଗଲ ଆଡ଼କୁ ଯାଇଥିଲେ। ଚାନ୍ଦିପୋଷ ଓ ଯୋଡ଼ାବନ୍ଧ ମଝି ରାସ୍ତାରେ ମନୋଜ ଓ ଅନିଷ ଦୀପାର ତଣ୍ଟିକୁ ଚିପି ହତ୍ୟା କରିବାକୁ ଥରେ ନୁହେଁ ୩ ଥର ଚେଷ୍ଟା କରିଥିଲେ। ସେତିକି ବେଳେ ଦୀପା ତାର ଭଉଣୀ ରାଧାକୁ ହାତ ଠାରି ବଞ୍ଚେଇବା ପାଇଁ ଯେତେ ଅନୁନୟ ବିନୟ କରିଥିଲେ ମଧ୍ୟ ରାଧା ଶୁଣି ନ ଥିଲା।

## ଚଳନ୍ତା ଗାଡ଼ିରେ ମନୋଜ ନିଜ କୋଳରେ ଦୀପାର ତଣ୍ଟି କାଟିଥିଲା

ତିନି ତିନି ଥର ଦୀପାର ତଣ୍ଟି ଚିପି ହତ୍ୟା କରିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ତାର ତଣ୍ଟି କାଟି ଦେବାକୁ ନିର୍ଦ୍ଦେଶ ଦେଇଥିଲା ତାର ନିଜ ଭଉଣୀ ରାଧା। ଏହାପରେ ଚାନ୍ଦିପୋଷ ଥାନା ପୂର୍ବରୁ କୁମାକେଲା ନିକଟରେ ମନୋଜ ଦାସ ନିଜ କୋଳରେ ଦୀପାର ତଣ୍ଟି ରଖି ଚାପଡ଼ ଦ୍ୱାରା ଅତ୍ୟନ୍ତ ନିର୍ଦ୍ଦୟ ଭାବେ କାଟି ଦେଇଥିଲା। ସେତେବେଳେ ଦୀପା ବିକଳ ହୋଇ ବଞ୍ଚାଇବା ପାଇଁ ତାର ଭଉଣୀ ରାଧାକୁ ଯେତେ ଅନୁରୋଧ କରିବା ସହ ଚିତ୍କାର କରିଥିଲେ ବି ନିର୍ବାକ ହୋଇ ଚାହିଁ ରହିଥିଲା ରାଧା।

## ହଠାତ୍ ବଞ୍ଚି ଉଠିଥିଲା ଦୀପା

ଦୀପାର ତଣ୍ଟିକାଟି ମାରି ଦେବା ପରେ ଶବକୁ ଚାନ୍ଦିପୋଷ ଥାନା ଅଧୀନ କୁମାକେଲା ପୋଲ ଉପରୁ ୩୦ ଫୁଟ୍ ତଳକୁ ରାଧା, ମନୋଜ ଓ ଅନିଷ ଫିଙ୍ଗି ଦେଇଥିଲେ। ତେବେ ଦୀପା ବଞ୍ଚିଯିବ ଭାବି ପୋଲ ତଳକୁ ସେମାନେ ଓହ୍ଲାଇ ତାର ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ହଠାତ୍ ଦୀପା ଜଳନ୍ତା ଅବସ୍ଥାରେ ଚିତ୍କାର ଛିଡ଼ା ହୋଇ ଦୌଡ଼ିବାକୁ ଲାଗିଥିଲା। ଏବଂ କିଛି ବାଟ ଯିବା ପରେ ସେ ନିଶ୍ଚେତ ହୋଇ ତଳେ ପଡ଼ିଯାଇଥିଲା। ଏହାପରେ ହତ୍ୟାକାରୀମାନେ ସେଠାରୁ ଫେରି କାର୍ ଭିତରେ ପଡ଼ିଥିବା ରକ୍ତ ଏବଂ ରକ୍ତରଞ୍ଜିତ ଚାପଡ଼କୁ ଭଲ କରି ଧୋଇ ଦେଇଥିଲେ। ଦୀପାକୁ ବାନ୍ଧିଥିବା ରସି କପଡ଼ା, ହତ୍ୟାକାରୀଙ୍କ ପୋଷାକ ସବୁ ପୋଡ଼ି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ଭୋର ସମୟରେ ପୁନର୍ବାର ହତ୍ୟାକାରୀମାନେ କୁମାକେଲାକୁ ଯାଇ ଦୀପା ମରିଛି କି ନାହିଁ ପରୀକ୍ଷା କରି ନିଶ୍ଚିତ ହେବାପରେ ଫେରାର ହୋଇଯାଇଥିଲେ।

## ହତ୍ୟା ପରେ ଦୀପାର ମୋବାଇଲ ଓ ଚାପଡ଼କୁ ନଦୀରେ ଫିଙ୍ଗିଥିଲେ

୧୧ତାରିଖ ରାତିରେ ଦୀପାକୁ ନୃଶଂସ ଭେବା ହତ୍ୟା କରିବା ପରେ ୧୨ ତାରିଖ ଦିନ ଦୀପାର ମୋବାଇଲକୁ ରାଉରକେଲା ବାସନ୍ତି କଲୋନୀସ୍ଥିତ ଡିଏଭି ପୋଖରୀରେ ଫିଙ୍ଗି ଦେଇଥିଲେ। ସେହିପରି ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ଼କୁ ବ୍ରାହ୍ମଣୀ ନଦୀରେ ଫିଙ୍ଗି ଦେଇଥିଲେ। ହତ୍ୟାକାରୀଙ୍କ ଠାରୁ ସୂଚନା ପାଇ ପୁଲିସ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସାହାଯ୍ୟରେ ଦୀପାର ମୋବାଇଲ ଫୋନ ଓ ଚାପଡ଼କୁ ଉଦ୍ଧାର କରି ଜବତ କରିଥିଲେ।

# ଜେଲ ଗଲେ ୭ ହତ୍ୟାକାରୀ



**ରାଉରକେଲା, ୨୧।୨(ସମିସ):** ରାଉରକେଲା ସହରର ବହୁ ଚର୍ଚ୍ଚିତ କୋଇଲା ବ୍ୟବସାୟୀ ବିନୋଦ ଦାରୁକା ଓ ତାଙ୍କ କର୍ମଚାରୀ ପି.ଦୀପା ରାୟଙ୍କ ହତ୍ୟାକାଣ୍ଡରେ ଗୁରୁବାର ଗିରଫ ହୋଇଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା କିନପିନ୍ ରାଧା ସ୍ୱାଇଁ ସମେତ ୭ ହତ୍ୟାକାରୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବା ପରେ ସମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କ ଘରେ କାର୍ଯ୍ୟ କରୁଥିବା ୩୨ ବର୍ଷୀୟା ବିବାହିତା ଯୁବତୀ ପି. ଦୀପା ରାୟଙ୍କୁ ଅପହରଣ କରିବା ପରେ ତାଙ୍କୁ ମୁଣ୍ଡ ଜାମିନ ରଖି କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କୁ ଟଙ୍କା ଦାବି କରିବା ଏବଂ ଏଥିରେ ବିଫଳ ହେବା ପରେ ମୃତ ଦୀପାର ସାନ ଭଉଣୀ ରାଧା ରାୟ ଓରଫ ରାଧା ସ୍ୱାଇଁ ହିଁ ଯୋଜନାବଦ୍ଧ ଭାବେ ତାର ୭ ଜଣ ସହଯୋଗୀଙ୍କ ସହ ଦୀପା ଓ ବିନୋଦ ଦାରୁକାଙ୍କୁ ହତ୍ୟା କରିଥିଲା ବୋଲି ଗୁରୁବାର ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ପ୍ରମୁଖ ରାଉରକେଲା ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଥିଲେ। ମୃତ ପି. ଦୀପା ରାୟର ସାନ ଭଉଣୀ ରାଧା ହିଁ ଉଭୟ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଏହି ଭୟାନକ ଡବଲ ମର୍ଡରର କିନପିନ୍ ଥିଲା ବୋଲି ରାଉରକେଲା ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ଏହା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ଼, ଛୁରୀ, ଗୋଟିଏ ଇନୋଭା କାର, ବିନୋଦଙ୍କ କ୍ରେଟା କାର, ୩ଟି ମୋବାଇଲ ଫୋନ ଜବତ କରାଯାଇଥିଲା। ଏହି ସମ୍ବେଦନଶୀଳ ଦୁଇଟି ହତ୍ୟାକାଣ୍ଡରେ ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ରାଧା ରାୟ ଓରଫ ରାଧା ସ୍ୱାଇଁ(୩୦), ବେଦବ୍ୟାସ ଗୁରୁଟୋଲା ବସ୍ତିର ମନୋଜ ଦାସ(୨୦), ଗୋପବନ୍ଧୁପାଲିର ଯୁବରାଜ ପାଶୱାନ(୨୧) ଓ ଶେଖ୍ ହାସିଫ୍ (୨୨), ଗାନ୍ଧିରୋଡର ସୁରଜ କୁମାର ସିଂହ(୨୨) ଓ ଭବେଶରାଜ ଚୈଧୁରୀ(୨୦)ଙ୍କୁ ଆଜି ଚାନ୍ଦିପୋଷ ଥାନା ଆଇଆଇସି ସବିତା ପାତ୍ର ବଣାଇଁ କୋର୍ଟକୁ ଚାଲାଣ କରିଥିଲେ। ମାତ୍ର ସେଠାରେ ସେମାନଙ୍କର ଜାମିନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ବଣାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କ ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତ ଝାଡ଼ଖଣ୍ଡ ବାନୋ ଥାନା ଅନ୍ତର୍ଗତ ଜଲଡେଗା ଅଞ୍ଚଳର ଶମ୍ଭୁ ମାହାନ୍ତ (୪୨)ଙ୍କୁ ଆଜି କୁତ୍ରା ଥାନା ପୁଲିସ ସୁନ୍ଦରଗଡ଼ କୋର୍ଟକୁ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାକୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଗିରଫଙ୍କ ମଧ୍ୟରୁ ରାଧା, ମନୋଜ, ଯୁବରାଜ ଓ ଶେଖ ହାସିଫ୍ କୁତ୍ରାରେ ହୋଇଥିବା ରାଉରକେଲା ସିଭିଲ ଟାଉନସିପର କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କ ହତ୍ୟାକାଣ୍ଡରେ ମଧ୍ୟ ସମ୍ପୃକ୍ତ ଥିଲେ।

# ଆର୍‌ଏସ୍‌ପିର ସିପିପି-୧ ବିଭାଗର କର୍ମଚାରୀ ପୁରସ୍କୃତ



**ରାଉରକେଲା, ୨୧।୨(ସମିସ):** ସେଲ ଆର୍‌ଏସ୍‌ପିର ସିପିପି-୧ ବିଭାଗର ସମ୍ମିଳନୀ କକ୍ଷରେ ସେଲ ସାବାସ ଯୋଜନାର ବର୍ଗ-୧ ଅଧୀନରେ ୩୬ ଜଣ କର୍ମଚାରୀ ଓ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାୱାର ବିଭାଗର ସିଜିଏମ୍ ଦୀପକ ରାୟ ଅଧ୍ୟକ୍ଷତା କରି କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଉଦ୍ୟୋଗୀ ପ୍ରୟାସ ନିମନ୍ତେ ପୁରସ୍କୃତ କରିଥିଲେ। ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ୪ ଜଣ ଅଧିକାରୀ ଏବଂ ୩୨ ଜଣ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ ସିପିପି -୧ ର ଅପରେସନ୍ ଏବଂ ମେକାନିକାଲ୍ ବିଭାଗ ର ଜିଏମ ଏନ. ସି. ପରିଡ଼ା, ଇଲେକଟ୍ରିକାଲ ବିଭାଗର ଜିଏମ ବିଭି.ଦାଶ, ମେକାନିକାଲ ବିଭାଗର ଜିଏମ୍ ଜୟବୀର ସିଂହ, ଇଲେକଟ୍ରିକାଲ ବିଭାଗର ଜିଏମ୍ ଜଳଧର ଦଲାଇ ଏବଂ ଉକ୍ତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ପ୍ରଦାନ କରାଯାଇଥିବା କିଛି ପ୍ରମୁଖ କାର୍ଯ୍ୟ ମଧ୍ୟରେ ଆର୍ଦ୍ରତାକୁ ସ୍ୱୟଞ୍ଚାଳିତ ଭାବରେ ନିଷ୍କାସନ ପାଇଁ ଏମ୍‌ପି ବଏଲର-୨ ଏୟାର ରିସିଭର ଟାଙ୍କିରେ ଅଟୋ ଡ୍ରେନ୍ ଭଲଭ୍ ସୁବିଧା, ଏମପି ବଏଲର-୧ ଓ ୨ରେ ହୁଟର ସ୍ଥାପନା, ଏମ୍‌ପି ବଏଲର ୧ ଓ ୨ରେ ଷ୍ଟଫିଂ ବାକ୍ସର ଉତ୍ତମ ଶୀତଳୀକରଣ ପାଇଁ ତିନିଟି ବଏଲର ଫିଡ୍ ପମ୍ପରେ ସଫ୍ଟୱାଟର ସୁବିଧା, ପମ୍ପର କାର୍ଯ୍ୟଦକ୍ଷତା ନିରୀକ୍ଷଣ ପାଇଁ ଏମପି ବଏଲର ୧ ଓ ୨ର ସଫ୍ଟ ୱାଟର ପମ୍ପର ଡିସଚାର୍ଜ ଲାଇନରେ ପ୍ରେସର ଗଜ ସ୍ଥାପନା, ଏଚ୍‌ପି ବଏଲର-୩ ବିଏଫ୍ ଗ୍ୟାସ୍ ଡ୍ରମସିଲ୍ ରିମୋଟ୍ ଅପରେସନ୍ ମେକାନିଜିମ୍‌ର ନିଜସ୍ୱ ରୂପେ ଫାବ୍ରିକେସନ୍ ଏବଂ କମିଶନିଂ, ଏଚପି ବଏଲର-୪ ଆଇଡି ଫ୍ୟାନ୍‌ର ହଟ୍ ଏୟାର ସିଲର ପରିବର୍ତ୍ତନ, ସ୍ଲିଙ୍ଗ ପାଇଁ ସ୍ମାର୍ଟ ଷ୍ଟୋରେଜ୍ ସୁବିଧାର ସଫଳ ବିକାଶ ସହ ଅନ୍ୟାନ୍ୟ ସୁବିଧା ରହିଛି। ଏହି କାର୍ଯ୍ୟକ୍ରମକୁ ସିପିପି -୧ ବିଭାଗର ଡେପୁଟି ମ୍ୟାନେଜର ପିକେ ତ୍ରିପାଠୀ ଏବଂ ସିନିୟର ମ୍ୟାନେଜର ଭିଡି ମାଲୱେ ସଂଯୋଜନା କରିଥିଲେ।

# ଆନ୍ତଃଇସ୍ପାତ କାରଖାନା ହକି ଚାମ୍ପିଅନ୍‌ସିପ୍: ଆର୍‌ଏସ୍‌ପି ଦଳ ଚାମ୍ପିଅନ



**ରାଉରକେଲା, ୨୧।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଷ୍ଟିଲ୍ ପ୍ଲାଣ୍ଟ ସ୍ପୋର୍ଟସ୍ ବୋର୍ଡ (ଏସ୍‌ପିଏସ୍‌ବି) ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିଅନସିପ୍ ୨୦୨୫ରେ ଚାମ୍ପିଅନ ଭାବରେ ଉଭା ହୋଇଛି। ଟାଟା ଷ୍ଟିଲ୍ ଓ ଆରଏସ୍‌ପି ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚ୍‌ରେ ଆରଏସ୍‌ପି ବିଜୟ ହାସଲ କରିଛି। ଏହି ବିଜୟ ସହିତ ପୂର୍ବ ବିଜେତା ଆରଏସପି ଚାମ୍ପିଅନ ଆଖ୍ୟା ବଜାୟ ରହିବା ସହିତ ୨୦୨୩ ମସିହା ଫାଇନାଲ ମ୍ୟାଚରେ ଟାଟା ଷ୍ଟିଲ୍ ଠାରୁ ପରାଜୟର ପ୍ରତିଶୋଧ ନେଇଥିଲା। ଆରଏସ୍‌ପିର ଏହା ୧୯ ତମ ଏସ୍‌ପିଏସ୍‌ବି ଟାଇଟଲ୍ ଥିଲା। ସୂଚନାଯୋଗ୍ୟ ଯେ, ଚଳିତ ଟୁର୍ଣ୍ଣାମେଣ୍ଟ ସଂସ୍କରଣର ଆୟୋଜନ ଆରଏସପି କରିଥିଲା ଏବଂ ଏହା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଖେଳା ଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପିକେ ସ୍ୱାଇଁ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ ସମାରୋହରେ ଅନୀଲ ମଲ୍ଲିକ ସଂଯୋଜନା କରିଥିଲେ।

# କୁଆଁରମୁଣ୍ଡା ବ୍ଲକ୍‌ରେ ସ୍ୱାସ୍ଥ୍ୟ ଶିବିର



ରାଉରକେଲା, ୨୧।୨(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କୁଆଁରମୁଣ୍ଡା ବ୍ଲକର ରାତଖଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଡିଆଟୋଲାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସହଯୋଗରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ଅତିରିକ୍ତ ସିଏମଓ ଡାକ୍ତର ପ୍ରତିଭା ଷଡ଼ଙ୍ଗୀ, ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ରା, ଜିଏମ୍ ବି ମଲ୍ଲିକ, ଏଜିଏମ ଏଏନ୍ ପତି, ମ୍ୟାନେଜର ରୀଚା ସୁଧୀରମ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀମାନେ ଶିବିର ପରିଦର୍ଶନ କରିବା ସହିତ ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଆର୍‌ଏସ୍‌ପିର ଚିକିତ୍ସକ ଦଳ ଯଥା ମେଡିସିନ୍ ବିଭାଗର ଡାକ୍ତର ଦେବାଶିଷ ରାୟ, ଶିଶୁରୋଗ ବିଭାଗର ଡାକ୍ତର ମାନଭଞ୍ଜନ, ସ୍ତ୍ରୀ ରୋଗ ବିଭାଗର ଡାକ୍ତର ପ୍ରିୟା, ଚକ୍ଷୁ ରୋଗ ବିଭାଗର ଡାକ୍ତର ପୁଷ୍ପା କୁମାରୀ, ଶଲ୍ୟ ବିଭାଗର ଡାକ୍ତର ଜ୍ୟୋତି ରଞ୍ଜନ ସାହୁ ଏବଂ ଇଏନ୍‌ଟି ବିଭାଗର ଡାକ୍ତର ମଧୁସ୍ମିତା ହୋତା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପାର୍ଥସାରଥୀ ଷଡ଼ଙ୍ଗୀ, ଲିଙ୍ଗରାଜ ପ୍ରଧାନ, ସୁସ୍ମି, ଏବଂ ସିଏସଆର କୋଅର୍ଡିନେଟର ବିକେ ମହାପାତ୍ର ସହଯୋଗ କରିଥିଲେ। ଆୟୋଜିତ ଏହି ଶିବିରରେ ପ୍ରାୟ ୨୪୬ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣା ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ସିଏସ୍‌ଆର୍ ଯୋଜନା ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ୨୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା।

# ୩ କୁଖ୍ୟାତ ଚୋର ଗିରଫ; ୨୬ ସାଇକଲ ଜବତ

ରାଉରକେଲା, ୨୧।୨(ସମିସ)



ରଘୁନାଥପାଲି ଥାନା ପୁଲିସ ୨୬ଟି ଚୋରା ସାଇକଲ ଜବତ କରିବା ଘଟଣାରେ ୩ ଜଣ କୁଖ୍ୟାତ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ, ବଙ୍ଗଳାଟୋଲା ଅଞ୍ଚଳର ରାକେଶ ମହାନନ୍ଦ ଓରଫ ଟିକିଲି (୧୯), ବାଲୁଘାଟ ଟାଇଗର କ୍ଲବ୍ ଅଞ୍ଚଳର ଆଶିଷ ବାବା(୨୩) ଓ ବାଲୁଘାଟ ସର୍ଦ୍ଦାର ବସ୍ତିର ବିରେନ୍ଦ୍ର ଗୁରୁଙ୍ଗ ଓରଫ ସାହିଲ (୨୧)। ଏ ନେଇ ଶୁକ୍ରବାର ପାନପୋଷ ଏସ୍‌ଡିପିଓ ଅମ୍ରିତ ମହାନ୍ତି ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ଚଳିତ ମାସ ୧୦ ତାରିଖରେ ସିଭିଲ ଟାଉନସିପ ଅଞ୍ଚଳରୁ ଏକ ସାଇକଲ ଚୋରି ହୋଇଥିବା ଅମିତ୍ ବାଗାଡିଆ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ସମେତ ଅନ୍ୟ ଦିଗକୁ ଭିତ୍ତିକରି ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

## ଚୋରି ପାଇଁ ନାବାଳକଙ୍କୁ ନିୟୋଜିତ କରାଉଥିଲେ

ପଚରା ଉଚରା ପରେ ଉକ୍ତ ଥାନା ଅଞ୍ଚଳରେ ଆଜି ଯାଏଁ ଅନେକ ସାଇକଲ ଚୋରି କରିଥିବା ଜଣାପଡ଼ିଥିଲା। ନିଛାଟିଆ ସ୍ଥାନରେ ସାଇକଲ ପାର୍କିଂ ହେଉଥିବା ସାଇକେଲକୁ ଲୁହା ରଡ୍‌ରେ ଚାବି ଭାଙ୍ଗି ଚୋରି କରି ଫେରାର ହୋଇଯାଉଥିଲେ। ଏତଦ୍‌ବ୍ୟତୀତ ଏହି ଚୋରିରେ କିଛି ନାବାଳକଙ୍କୁ ଚୋରି କରିବାକୁ ନିୟୋଜିତ କରାଯାଇ କମିଶନ ବାବଦକୁ ଟଙ୍କା ଦିଆଯାଉଥିଲା। ନାବାଳକମାନେ ଲୁହା ରଡ଼ ସାହାଯ୍ୟରେ ତାଲା ଭାଙ୍ଗି ସାଇକଲ ଚୋରି କରୁଥିଲେ। ବେଦବ୍ୟାସ ଅଞ୍ଚଳରେ ଥିବା ବିଭିନ୍ନ ସ୍କ୍ରାପ୍ ଗୋଦାମରେ ଚୋରି ସାଇକଲକୁ ବିକ୍ରି କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଏହି ରାକେଟକୁ ଧରିବା ପାଇଁ ରଘୁନାଥପାଲୀ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୨୬ଟି ସାଇକଲ ଜବତ କରାଯାଇଛି। ଉକ୍ତ ଥାନାରେ ପୂର୍ବରୁ ଗିରଫ ରାକେଶ ନାମରେ ମୋଟ ୩ଟି, ଆଶିଷ ନାମରେ ୯ଟି ଓ ବୀରେନ୍ଦ୍ର ନାମରେ ୩ଟି ଚୋରି ସମେତ ଅନ୍ୟ ମାମଲା ରହିଥିବା ପୁଲିସ କହିଛି। ଆଜି ଏକ ଚୋରି ସାଇକେଲକୁ ଜବତ ପରେ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ରଘୁନାଥପାଲୀ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

# ବିନୋବା ଶିଶୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଉରକେଲା, ୨୧।୨(ସମିସ):** ସ୍ଥାନୀୟ କୋଏଲ ନଗର ସ୍ଥିତ ବିନୋବା ଶିଶୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ କୁମାରୀ ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଏବିଇଓ ସତ୍ୟଭାମା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରୋଟାରୀ କ୍ଲବ୍‌ର ସଦସ୍ୟା ନିବେଦିତା ମହାନ୍ତି ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ସେଠୀ, ହରିହର ବେହେରା, ସିପ୍ରା ସାହୁ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଜଲକ୍ଷ୍ମୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଶିକ୍ଷୟିତ୍ରୀ ଅନୁରାଧା ପୁହାଣ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଭାପତି ମଞ୍ଜୁ ବାଗ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ଦାସ ମଞ୍ଚ ପରିଚାଳନା କରିଥିଲେ।

## ବିପିୟୁଟିର ସମସ୍ୟା ନେଇ ଏଓବିଏସ୍‌ଓ ଛାତ୍ରସଂଘର ଆନ୍ଦୋଳନ

# ତ୍ରୁଟିହୀନ ପରୀକ୍ଷା ଫଳ ପ୍ରକାଶ କରିବାକୁ ଦାବି




**ଭୁବନେଶ୍ୱର, ୨୧।୨(ସମିସ):** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛି ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଓବିଏସ୍‌ଓ) ଛାତ୍ରସଂଘ। ସେମାନଙ୍କ କହିବା କଥା, ପରୀକ୍ଷା ପରେ ଖୁବ୍‌ଶୀଘ୍ର ପରୀକ୍ଷା ଫଳ ବାହାରୁଛି। ହେଲେ ପରୀକ୍ଷା ଖାତା ଠିକ୍‌ରେ ଦେଖାଯାଉନି। ଫଳରେ ସେମାନଙ୍କ ବ୍ୟାକ୍ ଲାଗୁଛି। ରିଚେକିଂ କରିବା ପରେ ଅନେକ ପିଲାଙ୍କ ନମ୍ବର ବଢ଼ିବା ସହ ପାସ୍ ହେଉଛନ୍ତି। ତେଣୁ ଖାତା ଦେଖା ଠିକ୍‌ଠାକ୍ କରିବା ସହ ତ୍ରୁଟି ବିହୀନ ପରୀକ୍ଷା ଫଳ ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ପରୀକ୍ଷା ଖାତା ରିଚେକିଂ ଦର ଆଗରୁ କମ୍ ଥିବାବେଳେ ଏବେ ବଢ଼ାଇ ଦିଆଯାଇଛି। ଏହାକୁ କମ୍ କରିବାକୁ ମଧ୍ୟ ଦାବି କରିଛନ୍ତି। ସେହିପରି ବିପିୟୁଟି ଅଧୀନରେ ଥିବା ସମସ୍ତ କଲେଜକୁ ପ୍ଲେସ୍‌ମେଣ୍ଟ ଦିଆଯାଉ ନ ଥିବାରୁ ଅସୁବିଧାରେ ପଡୁଛନ୍ତି ଛାତ୍ରଛାତ୍ରୀ। ଏହାର ସମାଧାନ କରିବା ପାଇଁ ସବୁ କଲେଜକୁ ପ୍ଲେସ୍‌ମେଣ୍ଟ ଦିଆଯାଉ। ବିପିୟୁଟିର ଏକ କ୍ୟାମ୍ପ ଅଫିସ୍ ଭୁବନେଶ୍ୱରରେ ଖୋଲିବା ଓ ୱେବସାଇଟ୍‌କୁ ସଶକ୍ତ କରିବାକୁ ଦାବି କରିଛନ୍ତି।

ଏହି ଆନ୍ଦୋଳନରେ ଛାତ୍ରସଂଘର ପ୍ରତିଷ୍ଠାତା ତାରିଣୀପ୍ରସାଦ ନାୟକ, ଉପପ୍ରତିଷ୍ଠାତା ଅନନ୍ତ ନାରାୟଣ ଜେନା, ପବନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ସେଠୀ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ମୁଖ୍ୟ ସଂଗଠକ ଅରବିନ୍ଦ ସେଠୀ, ଛାତ୍ରସଂଘର ସଭାପତି ସ୍ମୃତିରାଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିକାଶ ପଣ୍ଡା, ବିଶ୍ୱରଞ୍ଜନ ସାମନ୍ତରାୟ, ଉପସଭାପତି ସୂର୍ଯ୍ୟକାନ୍ତ ସେଠୀ, ଜ୍ଞାନରଞ୍ଜନ ପ୍ରଧାନ, ଜ୍ୟୋତିପ୍ରକାଶ ରାଉତ, ବିଶ୍ୱରୂପ ନାୟକ, ସ୍ୱୟମ ସ୍ୱାଗତ ସାହୁ, ଶିବାଶିଷ ପଟ୍ଟନାୟକ, ରାଜେଶ ଦାସ, ନୟନ ଜେନା ପ୍ରମୁଖ ସାମିଲ ଥିଲେ।

# ‘ସେବକ’କୁ ଜାତୀୟ ପରିବେଶ ଏବଂ ସ୍ଥାୟିତ୍ୱ ପୁରସ୍କାର

ସୁନ୍ଦରଗଡ଼,୨୧।୨(ସମିସ)



ଜଙ୍ଗଲ, ପରିବେଶ ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ତୃଣମୂଳସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସୁନ୍ଦରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକକୁ ଜାତୀୟ ପରିବେଶ ଏବଂ ସ୍ଥାୟୀତ୍ୱ ପୁରସ୍କାର ମିଳିଛି। ଦିଲ୍ଲୀ ୟୁନିଭରସିଟିଠାରେ ଶୁକ୍ରବାର ସୋସାଇଟି ଫର୍ ଏନ୍‌ଭାୟାରମେଣ୍ଟ ଆଣ୍ଡ ସଷ୍ଟେନେବୁଲ ଡେଭେଲପମେଣ୍ଟ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେବକର ବରିଷ୍ଠ ପରାମର୍ଶଦାତା ବିଜୟାନନ୍ଦ ନାଏକ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସେବକ ହେଉଛି ଟାଙ୍ଗରପାଲି ବ୍ଲକ ଅଧୀନ ରଙ୍ଗିଆମୁଣ୍ଡାରେ ଅବସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜଳ, ଜମି, ଜଙ୍ଗଲର ସୁରକ୍ଷା ତଥା ଲୋକଙ୍କ ଜୀବନ ଜୀବିକାରମାନରେ ଉନ୍ନତି ଆଣିବାର ଲକ୍ଷ୍ୟରଖି ଦୀର୍ଘ ୩୦ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି। ସାଂପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ ହୋଇଥିବାରୁ ଏହାର ମୁକାବିଲା ପାଇଁ ସେବକ ପକ୍ଷରୁ ଚାରାରୋପଣଠାରୁ ଆରମ୍ଭ କରି ଜଳ ଓ ମୃତ୍ତିକା ସଂରକ୍ଷଣ ଉପରେ ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ବିଗତ ପାଞ୍ଚବର୍ଷ ମଧ୍ୟରେ ୫ ଲକ୍ଷରୁ ଅଧିକ ଚାରାରୋପଣ, ୩୦ ହଜାରରୁ ଅଧିକ ବିହନ ବଲ ପ୍ରସ୍ତୁତି ଓ ରୋପଣ ସହିତ ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ନିମନ୍ତେ ଜଳଛାୟା ପ୍ରକଳ୍ପର ସଫଳ ପରିଚାଳନା, ଜଙ୍ଗଲ ବିଭାଗର ସହଯୋଗୀ ଅନୁଷ୍ଠାନ ଭାବରେ ୧୫୬ ଟି ଗ୍ରାମରେ ବନସୁରକ୍ଷା ସମିତି ଗଠନ ଓ ସୁଦୃଢୀକରଣ, ତିନି ହଜାରରୁ ଉର୍ଦ୍ଧ୍ୱ ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରମାନଙ୍କୁ ବିଭିନ୍ନ ଆୟଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କ ଜୀବିକାରେ ଉନ୍ନତି ଆଣିବା ତଥା ଜଙ୍ଗଲ ଉପରେ ସେମାନଙ୍କ ନିର୍ଭରଶୀଳତା କମାଇବା, ବିଲୁପ୍ତ ପ୍ରାୟ ଦେଶୀଧାନ ଲୁସୁରୀର ପୁନରୁଦ୍ଧାର ଓ ମୂଲ୍ୟବୃଦ୍ଧି ସଙ୍ଗେସଙ୍ଗେ ବଜାର ବ୍ୟବସ୍ଥା, ଗ୍ରୀନ୍ ଏନର୍ଜି ଉପରେ ସଚେତନତା, ସବୁଜ ସ୍ମୃତି ଅଭିଜାନ ମାଧ୍ୟମରେ ସ୍ମରଣୀୟ ଚାରାରୋପଣକୁ ପ୍ରୋତ୍ସାହିତ କରିବା ପରି କାର୍ଯ୍ୟକ୍ରମ ସଫଳ ଭାବରେ ସମ୍ପାଦନା କରାଯାଇ ପାରିଛି। ସେବକକୁ ମିଳିଥିବା ଏହି ଜାତୀୟସ୍ତରର ସମ୍ମାନ ନିମନ୍ତେ ବିଭିନ୍ନସ୍ତରରୁ ଅଭିନନ୍ଦନର ସୁଅ ଛୁଟୁଛି। ସେବକର ଏହି ସଫଳତାରେ ଅଧ୍ୟକ୍ଷ ଅମିୟକାନ୍ତ ନାଏକ କହିଛନ୍ତି ଯେ, ବର୍ତ୍ତମାନର ସମୟରେ ସମଗ୍ର ବିଶ୍ୱ ଜଳବାୟୁ ପରିବର୍ତ୍ତନର ପରିଣତି ଭୋଗ କରୁଥିବାବେଳେ ଯଦି ଆମେ ଏବେଠୁ ସଜାଗ ନ ହେବା ଆଗାମୀ ଦିନରେ ଏହାର ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏଣୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବରେ ତୃଣମୂଳସ୍ତରରେ ବ୍ୟାପକ ଗୋଷ୍ଠୀ ସଚେତନତା ଦ୍ୱାରା ଏକ ପ୍ରତିକୂଳ ପରିବେଶ ତିଆରି କରିବାର ପ୍ରୟାସ କରାଯାଉଛି। ଆଗାମୀ ଦିନରେ ଚାରାରୋପଣ, ଜଳ ଓ ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ସମ୍ପଦର ସୁପରିଚାଳନା ଦିଗରେ ସେବକର ନିରନ୍ତର କାର୍ଯ୍ୟ ଜାରିରହିବ ବୋଲି ସୂଚନା ଦେଇଛନ୍ତି।

## ପରୀକ୍ଷା ଖାତା ନ ଦେଖାଇବାରୁ ତୁମୁଳକାଣ୍ଡ

**ସୁନ୍ଦରଗଡ଼,୨୧।୨(ସମିସ):** ସୁନ୍ଦରଗଡ଼ ବିଏସ୍ ହାଇସ୍କୁଲରେ ନବମ ଶ୍ରେଣୀ ପରୀକ୍ଷା ଖାତା ନ ଦେଖାଇବାରୁ କେତେକ ଯୁବକ ତୁମୁଳକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଗୁରୁବାର ଉକ୍ତ ସ୍କୁଲରେ ନବମ ଶ୍ରେଣୀ ପରୀକ୍ଷା ହୋଇଥିଲା। ଏଥିରେ ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରଙ୍କୁ ପରୀକ୍ଷା ଖାତା ଦେଖାଇବାକୁ କହିଥିଲେ। ତେବେ ଉକ୍ତ ଛାତ୍ର ଜଣକ ପରୀକ୍ଷା ଖାତା ନ ଦେଖାଇବାରୁ ସେ ଉତ୍କ୍ଷିପ୍ତ ହୋଇ ପଡ଼ିଥିଲେ। ସନ୍ଧ୍ୟାରେ ସେ ଅନ୍ୟ ତିନି ଜଣ ସହଯୋଗୀଙ୍କ ସହିତ ସଂପୃକ୍ତ ଛାତ୍ର ରହୁଥିବା ବନବାସୀ କଲ୍ୟାଣ ଆଶ୍ରମରେ ପଶି ମାରପିଟ କରିଥିଲେ। ଆଶ୍ରମରେ ଥିବା ସଙ୍ଗଠନର ଜିଲ୍ଲା ସଙ୍ଗଠନ ସମ୍ପାଦକ ବୈଶାଖୁ ଇନ୍ଦୁଆର ଏହାର ବିରୋଧ କରିବାରୁ ସେମାନେ ତାଙ୍କୁ ଧକ୍କା ମାରିବା ସହ ତାଙ୍କ ଜାତିକୁ ଆକ୍ଷେପ କରିଥିଲେ। ବମ୍‌ରେ ଉଡାଇ ଦେବାକୁ ଧମକ ଦେଇ ଚାଲି ଯାଇଥିଲେ। ଜିଲ୍ଲା ସଙ୍ଗଠନ ସମ୍ପାଦକ ବୈଶାଖୁ ଏ ନେଇ ସୁନ୍ଦରଗଡ଼ ଟାଉନ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## ବିନ୍ଧୁଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ସୁନ୍ଦରଗଡ,୨୧।୨(ସମିସ):** ଲେଫ୍ରିପଡ଼ା ବ୍ଲକର ବିନ୍ଧୁଝରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତରଣୀ ଚୌଧୁରୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସିଆରସିସି ପ୍ରଶାନ୍ତ ସା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜର୍ଣ୍ଣାଲିଷ୍ଟ ଏସୋସିଏସନର ସମ୍ପାଦକ ପପୁ ପ୍ରସାଦ ସିଂ, ଶିବ ପଟ୍ଟା, ମିତ୍ରଭାନୁ ସାହୁ, ସାବିତ୍ରୀ ଅଡ଼ା, ସୌଦାମିନୀ ଅଡ଼ା, ଚେତମଣି ପଟେଲ , ପ୍ରଶ୍ନ ସାହୁ, ଲଳିତ ବାରିକ, ରେବେନ୍ୟୁସ କୁଲୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା,ସଂସ୍କୃତି ଓ ପରମ୍ପରା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଶିକ୍ଷକ ଗୋବିନ୍ଦ ସା ମଂଚ ପରିଚାଳନା କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**କୁତ୍ରା,୨୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟଠାରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ଦୀର୍ଘ ୮ଦିନ ଧରି ଚାଲିବ। କମିଟିର ଉପଦେଷ୍ଟା ତଥା ଓଡ଼ିଆ ବିଭାଗର ମୁଖ୍ୟ ପଙ୍କଜିନି ପଟେଲ ଓ ହିନ୍ଦୀ ବିଭାଗର ମୁଖ୍ୟ ତଥା ଉକ୍ତ କମିଟିର ଉପଦେଷ୍ଟା ଡ. ତବସୁମ ବାନୋ ଯୋଗଦେଇ ଆତ୍ମରକ୍ଷା ତାଲିମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିୟମାବଳୀ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

## ଅଗ୍ନି ନିରାପତ୍ତା ପ୍ରଦର୍ଶନୀ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୨୧।୨(ସମିସ):** ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆନୁକୂଲ୍ୟରେ ଅଗ୍ନି ନିରାପତ୍ତା ପ୍ରଦର୍ଶନୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସହକାରୀ ଅଗ୍ନିଶମ ଅଧିକାରୀ ଅଜୟ କୁମାର ବରଦା ଯୋଗଦେଇ ଅଗ୍ନି ନିରାପତ୍ତା ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ କରାଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ମାଷ୍ଟର ନାରାୟଣଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିବାବେଳେ ମହାବିଦ୍ୟାଳୟର ଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ମାଟ୍ରିକ ପରୀକ୍ଷା ଆରମ୍ଭ ପ୍ରଥମ ଦିନରେ ୩୧୨ ପରୀକ୍ଷାର୍ଥୀ ଅନୁପସ୍ଥିତ

**ସୁନ୍ଦରଗଡ଼/ରାଉରକେଲା,୨୧।୨ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା-୨୦୨୫ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ୪୦୮ଟି ଉଚ୍ଚ ବିଦ୍ୟାଳୟର ମୋଟ ୨୩୦୦୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୧୧୭ଟି କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ୩୧୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ୨୩୦୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୬୮୯ ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲା ଫ୍ଲାଇଂ ସ୍କ୍ୱାଡ୍ ୧୬ଟି ଓ ସ୍ପେସାଲ ସ୍କାର୍ଡ ୫ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ହେଁ ଅସାଧୁ ଉପାୟ ଅବଲମ୍ବନ କରୁଥିବା କୌଣସି ପରୀକ୍ଷାର୍ଥୀ ଧରା ପଡ଼ିନାହାନ୍ତି। ପ୍ରଥମ ଦିନର ପରୀକ୍ଷା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ଏହି ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷାରେ ଗତ ବର୍ଷ ଅପେକ୍ଷା ଏଥର ୧୭୦୩ ଜଣ କମ୍ ଛାତ୍ରଛାତ୍ରୀ ପରୀକ୍ଷାର୍ଥୀ ରହିଛନ୍ତି।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



**ସୁନ୍ଦରଗଡ଼,୨୧।୨(ସମିସ):** ସବଡେଗା ବ୍ଲକ୍‌ର ରସରାଜପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି। କରମଡିହି ସରପଞ୍ଚ ସସ୍ମିତା କୁଜୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ଓରାମ ଭାଷା ଶିକ୍ଷା ଦାନ ପାଇଁ ସତନ୍ତ୍ର ପୁସ୍ତକ ସହ ୨ ଜଣ ତାଲିମ୍ ପ୍ରାପ୍ତ ଶିକ୍ଷୟିତ୍ରୀ ରହିଥିବାରୁ ଏହି ଭାଷାପ୍ରତି ଲୋକଙ୍କ ଆଗ୍ରହକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବେଦବ୍ୟାସ ପଟେଲ ଦିବସର ତାତ୍ପର୍ଯ୍ୟତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁଧାଂଶୁ ଚୌଧୁରୀ ମାତୃ ଭାଷାର ଶିକ୍ଷା କ୍ଷେତ୍ରରେ ପ୍ରାଧାନ୍ୟ ହେବା ଓ ସରକାରୀ ସ୍ତରରେ ପ୍ରଚଳନ ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ବରିଷ୍ଠ ଶିକ୍ଷକ ସୁଶାନ୍ତ ଓରାମ ସଭା ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଦୀପାରାଣୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟା ସୋରେନ, ଶିରୋମଣି କିଣ୍ଡୋ, ପ୍ରକାଶ ମିଞ୍ଜ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀହରି ସ୍ପିନର୍ସରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ସୁନ୍ଦରଗଡ଼,୨୧।୨(ସମିସ):** କିରେଇସ୍ଥିତ ଶ୍ରୀହରି ସ୍ପିନର୍ସରେ ଗତ ୧୨ ତାରିଖରୁ ଚାଲିଥିବା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଫଳରେ ଶୁକ୍ରବାର ଠାରୁ କାରଖାନା କାର୍ଯ୍ୟ ସ୍ୱାଭାବିକ ହୋଇଛି। ଗୁରୁବାର ଅପରାହ୍ନରେ ସୁନ୍ଦରଗଡ଼ ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶ୍ରମିକ ସଂଘ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ୧୨ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା ଡ୍ୟୁଟି, ଓଭରଟାଇମ୍‌ରେ ଦୁଇଗୁଣା ମଜୁରି, ଶ୍ରମିକଙ୍କ ସମସ୍ତ ପୁରୁଣା ବକେୟା ପ୍ରଦାନ, ପୁରୁଣା ଶ୍ରମିକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଶ୍ରମିକଙ୍କ ପାଇଁ ନିୟମ ଅନୁଯାୟୀ ଇଏସ୍‌ଆଇ ଏବଂ ପିଏଫ୍ ବ୍ୟବସ୍ଥା, ଦରମା ସ୍ଲିପ, ପରିଚୟପତ୍ର ପ୍ରଦାନ ଆଦି ଶ୍ରମିକଙ୍କ ଦାବି ଉପରେ ଆଲୋଚନା ହୋଇଥିବାବେଳେ ଏହି ସବୁ ଦାବି ପୂରଣ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ୧୫ ଦିନର ସମୟ ମାଗିଥିଲେ। ସେହିପରି ରାଜ୍ୟ ଶ୍ରମ କମିଶନରଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଲୋଡିଥିବା ସ୍ପଷ୍ଟୀକରଣ ନ ମଳିବା ଯାଏ ୧୨ ଘଣ୍ଟା କାମ ପାଇଁ ୬୨୫ ଟଙ୍କା ମଜୁରି ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକମାନେ ରାଜି ହୋଇଥିଲେ। ଉକ୍ତ ବୈଠକରେ ଉପଜିଲ୍ଲାପାଳ ଦାଶରଥି ସରାବୁ, କାରଖାନା ଓ ବୟଲର ଡିଭିଜନର ସହକାରୀ ନିର୍ଦ୍ଦେଶକ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ସ୍ୱରାଜ କୁମାର ତ୍ରିପାଠୀ, ସହକାରୀ ଶ୍ରମି ଅଧିକାରୀ ଗୌରହରୀ ତାଣ୍ଡି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୈଳେନ୍ଦ୍ର ଅଗ୍ରୱାଲ ଓ ଅନନ୍ତ ଅବସ୍ତି, ଶ୍ରମିକ ସଂଘ ସଭାପତି ଶ୍ୟାମସୁନ୍ଦର ମିଶ୍ର, ସମ୍ପାଦକ କେଦାର ଚନ୍ଦ୍ର ପଟେଲ ପ୍ରମୁଖ ଯୋଗ ଦେଇ ଥିଲେ। ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯମୁନା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ସୁନ୍ଦରଗଡ଼,୨୧।୨(ସମିସ):** ସବ୍‌ଡେଗା ବ୍ଲକର ଯମୁନା ଓମାରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ତନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ଧନକଉଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ କୁମାର କୁଲ୍ଲୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ହିସାବରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ୩ ମାସ ଯାଏ ସେମାନଙ୍କୁ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ଦେବାକୁ କହିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାଏକ ଛାତ୍ରଛାତ୍ରୀମାନଙ୍କୁ ଦିଗ ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭଗବାନ ଛତ୍ରିଆ, ପୂର୍ବତନ ପ୍ରଧାନଶିକ୍ଷକ ଡିସେମ୍ବର ନାଏକ, ଶଙ୍କର ଅଡ଼ା, ବାସନ୍ତି ଜଧି, ପ୍ରଦୀପ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଯମୁନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ



ଅକ୍ଷୟ କୁମାର ମାଝୀ ସଭା ପରିଚାଳନା କରିଥିବାବେଳେ ସ୍କୁଲ ପରିଚାଳନା କମିଟି ସଭାପତି କିଶୋର ଜଧି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଭୂପେଶ ସାହୁ, ସୁନୀଲ କୁଲ୍ଲୁ , ସୁଶିଲ ସୋରେଙ୍ଗ, ସନାତନ କିଣ୍ଡୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ଆମେ ଓଡ଼ିଆ’ ସଂଗଠନ ପକ୍ଷରୁ ୨୩ରେ କମିଟି ଗଠନ

ରାଉରକେଲା,୨୧।୨(ସମିସ)




ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଭଲ ପାଉଥିବା ତଥା ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସାମାଜିକ ପ୍ରତିବଦ୍ଧତା ରଖୁଥିବା ରାଉରକେଲା ସହରର ଜଣାଶୁଣା ଓଡିଆ ସଂଗଠନ ‘ଆମେ ଓଡ଼ିଆ’ ସଂଗଠନ ପକ୍ଷରୁ ଆସନ୍ତା ଫେବୃଆରୀ ୨୩ ତାରିଖ ଦିନ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି କମିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଆମେ ଓଡ଼ିଆର କେନ୍ଦ୍ରୀୟ କମିଟି ଅନୁମୋଦନ କ୍ରମେ ରାଉରକେଲାଠାରେ ଏକ ଶାଖା ଖୋଲାଯାଇ ଏହାର ଆଭିମୁଖ୍ୟ ସମ୍ପର୍କରେ ସ୍ଥାନୀୟ ସେକ୍ଟର - ୩ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଖଣ୍ଡ ଭବନଠାରେ ଶମ୍ଭୁନାଥ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସଭାପତି ଶମ୍ଭୁନାଥ ପରିଡା, ଉପଦେଷ୍ଟା ପ୍ରଫେସର ସମର ମୁଦାଲି, ଶିକ୍ଷାବିତ ଡ. ସନାତନ ପ୍ରଧାନ ଏବଂ ଅନିଲ କୁମାର ଦାଶ ସୂଚନା ଦେଇ କହିଲେ ଯେ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଆଦି ଧୀରେ ଧୀରେ ସଂକୁଚିତ ହେବାରେ ଲାଗିଛି। ତାକୁ ସୁରକ୍ଷା କରିବା ଓ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର, ଅସ୍ମିତାକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ବାଣିଜ୍ୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର ଆଦି ସ୍ଥାନରେ ସର୍ବୋପରି ନିଜ ଘରେ ଓଡ଼ିଆ ଭାଷାର ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ପାଇଁ ଏବେ ଠାରୁ ସମସ୍ତଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି। ଏଥି ପାଇଁ ଆସନ୍ତା ଫେବୃଆରୀ ୨୩ ତାରିଖ ଦିନ ସହରରେ ଥିବା ଓଡ଼ିଆ ଭାଇଭଉଣୀ ମାନଙ୍କୁ ନେଇ ଖଣ୍ଡ ଭବନଠାରେ ଏକ କମିଟି ଗଠନ କରିବା, ସୁଚିନ୍ତିତ ମତାମତ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ଅବସରରେ ସତ୍ୟାନନ୍ଦ ବେହେରା, ଶଶଧର ପାତ୍ର, ଚାନ୍ଦମଣୀ ବେହୁରା, ସୁବ୍ରତ ମଲ୍ଲିକ, ଜଗନ୍ନାଥ ରାଉତ, ଉଗ୍ରସେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃଭାଷା ଦିବସ ପାଳିତ

**ସୁନ୍ଦରଗଡ଼,୨୧।୨(ସମିସ):** ସୁନ୍ଦରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି । ଉକ୍ତ ସମାରୋହରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ ମାନନୀୟ ଶ୍ରୀବତ୍ସ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ନବମ ଓ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ସାନିଆ ପଟେଲ, ଅନୁଷ୍କା ଶର୍ମା, ଆକାଂକ୍ଷା ନାଏକ, ପ୍ରିୟଂଶୁ ବେହେରା ଓ ଦିବ୍ୟାଂଶୁ ମେହେର ଓଡ଼ିଶାର ବିରପୁତ୍ର ମାନଙ୍କର ମାତୃ ଭାଷା ପ୍ରତି ଅବଦାନ ବିଷୟରେ ମତବ୍ୟକ୍ତ ଦେଇଥିଲେ। ଗୁରୁମା ନିରଞ୍ଜନୀ ଦାସ ମାତୃ ଭାଷା ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ତଥା ଶିଶୁ ଭାଇ ଭଉଣୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ମାତୃ ଭାଷାର ସ୍ଲୋଗାନ ଦେଇ ଏକ ବିରାଟ ଶୋଭଯାତ୍ରାରେ ଶିଶୁ ଭାଇ ଭଉଣୀ ତଥା ଗୁରୁଜୀ ଗୁରୁମା ବିଦ୍ୟାଳୟରୁ ବାହାରି ବ୍ଲକ୍ କଲୋନୀ, ପୁରୁଣା ବସ୍‌ଷ୍ଟାଣ୍ଡ, ବିବେକାନନ୍ଦ ଛକ ଦେଇ ଫେରି ଥିଲେ।

# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ



ବଲାଙ୍ଗିର, ୨୧।୨(ସମିସ): ବଲାଙ୍ଗିର ଜିଲ୍ଲା ସମ୍ବଲପୁର ରେଳ ଡିଭିଜନ ଅଧିନରେ ଥିବା ଟିଟିଲାଗଡ଼ ଜଙ୍କସନ୍ ନିକଟରେ ଏକ ମାଲ୍‌ବାହୀ ଟ୍ରେନ ଲାଇନ୍ ଚ୍ୟୁତ୍ ହୋଇଛି। ସୂଚନା ଅନୁସାରେ ଶୁକ୍ରବାର ରାତି ୮ ଟା ସମୟରେ ଏକ କୋଇଲା ବୋଝେଇ ଟ୍ରେନ୍ ଟିଟିଲାଗଡ଼ ପଟୁ ରାୟପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଟିଟିଲାଗଡ଼ ନିକଟରେ ତିନୋଟି ବଗି ଲାଇନ୍ ଚ୍ୟୁତ ହୋଇଥିଲା। ଟ୍ରେନ୍ ଲାଇନ୍ ଚ୍ୟୁତ ହେବାରୁ ବିଶାଖାପଟନମ-ରାୟପୁର ମଧ୍ୟରେ ଟ୍ରେନ୍ ଗମନାଗମନ ପ୍ରଭାବିତ ହୋଇଛି। ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। କେଉଁ ପରିସ୍ଥିତିରେ ଟ୍ରେନ ଲାଇନ୍ ଚ୍ୟୁତ ହେଲା ଏଥିରେ କାହାର ଅବହେଳା ବିଭାଗୀୟ ତଦନ୍ତ ରେଳ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି।

# ଜଙ୍ଗଲରେ ଗାଡ଼ି ଛାଡ଼ି ପଳାଇଲେ ଗଞ୍ଜେଇ ମାଫିଆ

**୧୩ କ୍ୱିଣ୍ଟାଲ ୨୬ କେଜି ଗଞ୍ଜେଇ ସହ ଭ୍ୟାନ୍ ଜବତ**

**ବ୍ୟବସାୟୀ ସମେତ ଗାଡ଼ି ମାଲିକ ଓ ଚାଳକ ଫେରାର**

ନୂଆପଡ଼ା, ୨୧।୨(ସମିସ)

ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରେ ଦିନକୁ ଦିନ ଗଞ୍ଜେଇ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଗତ ଦିନରେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରାଯାଇଥିବା ବେଳେ ଶୁକ୍ରବାର ଜିଲ୍ଲା ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି। କୋମନା ଥାନା ଅଧୀନ ଗଣ୍ଡାମେର ପଞ୍ଚାୟତ କେନ୍ଦୁଭଟା ଗାଁରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୩ କ୍ୱିଣ୍ଟାଲ ୨୬ କେଜି ଗଞ୍ଜେଇ ସହ ପିକଅପ୍ ଭ୍ୟାନ୍ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧କୋଟି ୩୨ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଗଞ୍ଜେଇ ବ୍ୟବସାୟୀ ଓ ଗାଡ଼ି ମାଲିକଙ୍କ ସମେତ ଚାଳକ ଫେରାର ହୋଇଛନ୍ତି। ଶୁକ୍ରବାର ସକାଳୁ ବଲାଙ୍ଗିର-ଲାଠୋର ଦେଇ ଏକ ଭ୍ୟାନ୍‌ରେ ନୂଆପଡ଼ା ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଅବକାରୀ ବିଭାଗକୁ ଖବର ଆସିଥିଲା। ନୂଆପଡ଼ା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ସୁରେଶଚନ୍ଦ୍ର ତାଣ୍ଡି ଓ ଅବକାରୀ ନିରୀକ୍ଷକ ହୀରାବତି ଥାଟିଙ୍କ ନେତୃତ୍ୱରେ ସତନ୍ତ୍ର ଟିମ କୋମନା ଥାନା ସେମେଲପାଲି ଗାଁ ନିକଟରେ ପିଛା କରିଥିଲେ। ଗଞ୍ଜେଇ ଭର୍ତ୍ତି ପିକ୍‌ଅପ ଭ୍ୟାନ(ଓଡି ୦୩ ଏସି ୫୨୦୪) ସେମେଲପାଲି ଛକରେ ଅତିକ୍ରମ କରିଥିଲା। ଗାଡ଼ି ମାଲିକ, ଗଞ୍ଜେଇ ବ୍ୟବସାୟୀ ଓ ଚାଳକ ଗାଡ଼ିକୁ ଜଙ୍ଗଲ ଭିତରେ ଛାଡ଼ି ଫେରାର ହୋଇଥିବା କୁହାଯାଉଛି। ପରେ ଅବକାରୀ ଟିମ ଭ୍ୟାନ ଓ ଗଞ୍ଜେଇକୁ ଜବତ କରି ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଆଣିଥିଲେ। ସବିଶେଷ ତଦନ୍ତ କରାଯାଇ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ କେନ୍ଦୁଭଟା ଗାଁର ବ୍ୟବସାୟୀ କୁବେର ନାଗ(୨୯), ଗାଡ଼ି ମାଲିକ ଜୀତେନ୍ଦ୍ର ନାଗ(୩୦) ଓ ଲର୍କୀ ଗାଁର ଚାଳକ ପ୍ରଫୁଲ୍ଲ ବାଗ(୨୪)ଙ୍କ ନାଁରେ ଅବକାରୀ ଆଇନାନୁଯାୟୀ ମାମଲା ରୁଜୁ କରାଯାଇଛି। ସେମାନେ ଫେରାର ଥିବାବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଅବକାରୀ ବିଭାଗ ଧରପକଡ଼ ଆରମ୍ଭ କରିଛି। କନ୍ଧମାଳ ଅଞ୍ଚଳରୁ ବଲାଙ୍ଗିର ଜିଲ୍ଲା ଦେଇ ନୂଆପଡ଼ାକୁ ଗଞ୍ଜେଇ ଆସୁଥିଲା। ଏହା ପଡ଼ୋଶୀ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେବାର ଅନୁମାନ କରାଯାଉଛି। ଏବେ ତଦନ୍ତ ଚାଲିଛି ଓ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଅଧିକ୍ଷକ ପ୍ରଧାନ କହିଛନ୍ତି।

# ଜୟନ୍ତପୁରରେ ମାଆ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା

ଧର୍ମଗଡ଼, ୨୧।୨(ସମିସ): ଧର୍ମଗଡ଼ ବ୍ଲକ ଜୟନ୍ତପୁରରେ ମାଆ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା ସହ ନୂତନ ବଜାର ପରିସରରେ ସ୍ଥାପନ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମର ଦେବାଦେବୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଆମନ୍ତ୍ରଣ ପାଇ ଦେବାଦେବୀ ମଣ୍ଡେଇ ପର୍ବକୁ ଆସିଥିଲେ। ସମସ୍ତ ଦେବାଦେବୀଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ପୀଠରେ ପୂଜାର୍ଚ୍ଚନା କରିବା ପରେ ମାନସିକଧାରୀ ବଳି ଦେଇଥିଲେ। ଏଣୁ ଦେବୀଙ୍କ ପୀଠ ରକ୍ତ ରଞ୍ଜିତ ହୋଇଥିଲା। ପରେ ସମସ୍ତ ଦେବାଦେବୀ ବଜାର ଓ ଗ୍ରାମ ଭ୍ରମଣ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଗାଁ ଗହନ୍ତିଆ ପୂର୍ଣ୍ଣ ଚନ୍ଦ୍ର ନାଏକ, ପୁଝାରି ବଳରାମ ପୁଝାରି, କମିଟି ସଭାପତି ଭବାନୀ ପ୍ରସାଦ ଭୋଇ, ସମ୍ପାଦକ ତୁଳସୀରାମ ନାଏକ ପ୍ରମୁଖ ମୁଖ୍ୟ ଭୂମିକା ତୁଲାଇ ଥିଲେ। କମିଟି ସଦସ୍ୟ ହୀରାଜିତ ନାଏକ, କୃଷ୍ଣଚନ୍ଦ୍ର ନାଏକ, ବଦ୍ରୀ ପ୍ରସାଦ ଭୋଇ, ମହେଶ୍ୱର ନାଏକ, ଜୟଧର ନାଏକ, ଲିଙ୍ଗରାଜ ଦୁରିଆ, ଉମାକାନ୍ତ ମେହେର, ଗଗନ ମେହେର, ନଜଳ ବାଗ, କ୍ଷୀରୋଦ ଭୋଇ, ଜୁବିନ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ନାଟକ ପରିବେଷିତ ହୋଇଥିଲା।

# ନୂତନ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ଖପ୍ରାଖୋଲ, ୨୧।୨(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକର ନୂତନ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବରେ ଚୂଡ଼ାମଣି ବାରିକ ଯୋଗଦାନ କରିଛନ୍ତି। ଏହି ଅବସରରେ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ମାଧବ ଚନ୍ଦ୍ର ସାହୁ, ଜଗଦୀଶ ବିଶ୍ୱାଳ, ଖୁସିରାମ ସାହୁ, ନରେନ୍ଦ୍ର କଟା, ବିଜୟ ଲକ୍ଷ୍ମୀ ନାଗ ପ୍ରମୁଖ ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ଶିକ୍ଷା ଅଧିକାରୀ ପୂର୍ବରୁ ଖପ୍ରାଖୋଲ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ୨୦୧୦ ରୁ ୨୦୧୬ ପର୍ଯ୍ୟନ୍ତ ଶିକ୍ଷକତା କରିଥିବା ସହ ସେ ପାଇକମାଳ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବରେ କାର୍ଯ୍ୟନିର୍ବାହ କରିଥିଲେ। ଖପ୍ରାଖୋଲରେ ଶିକ୍ଷକତା କରିଥିବା ସମୟରେ ଥିବା ଅଭିଜ୍ଞତାକୁ ସମ୍ମୁଖରେ ରଖି ଶିକ୍ଷାକୁ ପ୍ରାସଙ୍ଗିକତା ଦେବେ ବୋଲି କହିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଧର୍ମଗଡ଼, ୨୧।୨(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା କେବିଡି ବିଜୁ ଏକ୍ସପ୍ରେସ ୱେରେ ଶୁକ୍ରବାର ଏକ ମାଲ୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବାଇକ୍ ଆରୋହୀ ଜଣକ ହେଲେ ମେରଘରା ଗାଁର ଶିବରାମ ହାତୀ (୫୯)। ସେ ବାଇକ୍‌ରେ ଗୋଡ଼ଭଞ୍ଜା ଗୋଳେଇ ଛକ ପଟୁ ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ଆସୁଥିଲେ। ଏହି ସମୟରେ ମାଲ୍ ବୋଝେଇ ଟ୍ରକ୍‌ଟି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ଶିବରାମଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ କ୍ଷତିପୂରଣ ଦାବିରେ କେବିଡି ବିଜୁ ଏକ୍ସପ୍ରେସ ୱେରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଧର୍ମଗଡ଼ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା

ସୁବଳୟା/ବିରମହାରାଜପୁର, ୨୧।୨ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଡ଼ଃ ବି ଆର ଆମ୍ବେଦକର ସେବା ସଂଘ ପକ୍ଷରୁ କମିରା କାର୍ଯ୍ୟାଳୟ ପରିସରରେ ବାବାସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅବସରରେ ପେଡ଼ିଷ୍ଟାଲ ନିର୍ମାଣ ପାଇଁ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବା ସଂଘ କାର୍ଯ୍ୟାଳୟରେ ଶତାଧିକ ସଦସ୍ୟ, ଆମ୍ବେଦକର ପ୍ରେମୀଙ୍କ ଉପସ୍ଥିତି କ୍ରମେ ଅଲେଖ ଧର୍ମବଳମ୍ବି ମାନଙ୍କୁ ନେଇ ତାଙ୍କରି କରକମଳରେ ଭୂମି ପୂଜନ କରାଯାଇଥିଲା। ସେବା ସଂଘର ସଭାପତି ଗଦାଧର ବାଦୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ଏସସି-ଏସଟି ଏମପିଲୋୟେ ଏସୋସିଏସନ ବ୍ଲକ ସଭାପତି ଅଭିମନ୍ୟୁ ଲୁହା, ଶିକ୍ଷକ ପଙ୍କଜ ତାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆସନ୍ତା ଅପ୍ରେଲ ମାସ ଡ଼ଃ ଆମ୍ବେଦକରଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସଭାପତି ପ୍ରକାଶ କରିଛନ୍ତି।



# ମେଣ୍ଢାଟାଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



କୋମନା, ୨୧।୨(ସମିସ): କୋମନା ବ୍ଲକ ସରକାରୀ ଉଚ୍ଚବିଦ୍ୟାଳୟ ମେଣ୍ଢାଟାଲରେ ପ୍ରଧାନଶିକ୍ଷକ କ୍ଷେମ ଦାସଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୱାର୍ଡ ମେମ୍ବର ବିମଳା ବାଗ, ଠିକପାଲି ସିଆର୍‌ସିସି ସନ୍ତୋଷ ବାଗ ଓ କମିଟି ସଭାନେତ୍ରୀ ଯଶୋବନ୍ତୀ ବାଗ ଉପସ୍ଥିତ ରହି ମାତୃଭାଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ବିଭୂତି ଭୂଷଣ ହୋତା ଓ ପ୍ରେମାନନ୍ଦ ସେଠ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ନୂତନ ବିଇଓଙ୍କ ଯୋଗଦାନ



ତୁଷୁରା, ୨୧।୨(ସମିସ): ଗୁଡଭେଲା ବ୍ଲକରେ ନୂତନ ବିଇଓ ଭାବେ ନମିତା ରାଣୀ ଭୋଇ ଯୋଗଦାନ କରିଛନ୍ତି। ତାଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ, ସୁରେନ୍ଦ୍ର ସୁନା ଓ ବିପିନ ବାଗ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ଶ୍ରୀମତୀ ଭୋଇ ପୂର୍ବରୁ ଲାଞ୍ଜିଗଡ଼ ବିଇଓ ଭାବେ କାର୍ଯ୍ୟ କରିଥିବା ବେଳେ ଗୁଡଭେଲା ବ୍ଲକର ପୂର୍ବତନ ବିଇଓ ରୁଷିଆ ମେହେର ଲାଞ୍ଜିଗଡ଼କୁ ବଦଳି ହୋଇ ଗତକାଲି ରିଲିଫ୍ ହୋଇଛନ୍ତି। ଶିକ୍ଷା ବ୍ୟବସ୍ଥାର ସୁଧାର ହେବ ନୂତନ ବିଇଓ ଧ୍ୟାନ ଦେବେ ବୋଲି ଲୋକଙ୍କ ଆଶା ରହିଛି।

# କୂଅରୁ ଶିଶୁପୁତ୍ରର ଶବ ଉଦ୍ଧାର

ଜୟପାଟଣା, ୨୧।୨(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କଲମପୁର ଥାନା ଖଲିଆଭଟା ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଏକ କୂଅରୁ ଗୋଟିଏ ଶିଶୁପୁତ୍ରର ଶବ ଉଦ୍ଧାର ହୋଇଛି। ମୃତକ ହେଉଛି ଖାଲିଆଭଟା ଗାଁର ଅଗସ୍ତି ତାଣ୍ଡିଙ୍କ ୨ ବର୍ଷ ୭ ମାସର ପୁଅ ଅଧିରାଜ। ଦିନ ୧୨ଟାରୁ ସେ ନିଖୋଜ ଥିଲା। କୂ ରେ ପଡ଼ିଥିବା ଜାଣିବା ପରେ ଘର ଲୋକେ ୧୧୨କୁ କଲ୍ କରି ସହାୟତା ମାଗିଥିଲେ। ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଭବାନୀପାଟଣା, ୨୧।୨(ସମିସ): ସ୍ଥାନୀୟ ସିଟି ସ୍କୁଲ ପ୍ରାଙ୍ଗଣରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ବୃହତ ନିଯୁକ୍ତି ମେଳା ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକଶ ଅଧ୍ୟକ୍ଷତା କରିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ୪୦ଟି ନିଯୁକ୍ତି ସଂସ୍ଥା ଯୋଗ ଦେଇଥିଲେ। ସିଟିଟିସି, ଭବାନୀପାଟଣା ସରକାରୀ ଆଇଟିଆଇ ସହ ଜୁନାଗଡ଼, ଧର୍ମଗଡ଼, ସରକାରୀ ପଲିଟେକ୍ନିକ, ଜନ ଶିକ୍ଷଣ ସଂସ୍ଥାନ, ବିଶ୍ୱ ଦକ୍ଷତା କେନ୍ଦ୍ର ଯୋଗ ଦେଇଥିଲେ। ଭାରତୀୟ ସେନା ଓ ଭାରତୀୟ ବାୟୁସେନା ଅଧିକାରୀମାନେ ମଧ୍ୟ ମେଳାରେ ଯୋଗ ଦେଇଥିଲେ। ଜିଲ୍ଲାର ୧୩ଟି ବ୍ଲକରୁ ୧୮୬୭ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଯୋଗ ଦେଇଥିଲେ। ୬୮୨ ଜଣ ବିଭିନ୍ନ ନିଯୁକ୍ତି ସଂସ୍ଥା ଓ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସହିତ ଅନୁବନ୍ଧିତ ହୋଇଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ ଉତ୍ତରାୟ ପରିଚାଳନା କରିଥିଲେ। ନିଯୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ, ସୁବ୍ରତ ମେହେର, ପ୍ରିୟା, କେଶବ ଗାଭାଲେ ସହଯୋଗ କରିଥିଲେ।




# ରିନବଚନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗିର, ୨୧।୨(ସମିସ): ବଲାଙ୍ଗିର ସଦର ବ୍ଲକ ଅଧୀନ ରିନବଚନ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଭୀମସେନ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଶୋକ କୁମାର ସାହୁ, ମୋ ସ୍କୁଲ୍ ଅଭିଯାନର ସଭାପତି ବିନୋଦ କୁମାର ଷଡ଼ଙ୍ଗୀ ଓ ସ୍କୁଲ ପରିଚାଳନା କମିଟି ସଭାପତି ମାଧବ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳଲୋଚନ ସାହୁ ସଭା ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଆକୃତି ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସଦସ୍ୟ ତାରାକାନ୍ତ ସାହୁ, ଲୋକନାଥ ଭୋଇ ସହଯୋଗ କରୁଥିଲେ ଓ ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ସହ ତାଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।



# ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

ନୂଆପଡ଼ା, ୨୧।୨(ସମିସ): ନୂଆପଡ଼ା ସହର ନୀଳଶୈଳ ନଗର ନିବାସୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ(୬୩)ଙ୍କ ହୃଦଘାତରେ ଶୁକ୍ରବାର ପରଲୋକ ଘଟିଛି। ସେ ସ୍ଥାନୀୟ ରଟାପାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଦୁଇ ବର୍ଷ ତଳେ ଚାକିରିରୁ ଅବସର ନେଇଛନ୍ତି। ସୂଚନା ଯୋଗ୍ୟ ଯେ ଜିଲ୍ଲା ପ୍ରାଥମିକ ଶିକ୍ଷକସଂଘ ସଭାପତି ବେଣୁଧର ସାହୁଙ୍କ ସେ ଧର୍ମପତ୍ନୀ ଅଟନ୍ତି।



# ବିସିସି ସୋନପୁର ଚାମ୍ପିଅନ

ତରଭା, ୨୧।୨(ସମିସ)

ତରଭା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ହାଇସ୍କୁଲ ଖେଳପଡ଼ିଆ ପାଞ୍ଚଦିନ ଧରି ଚାଲିଥିବା କ୍ରିକେଟ ମ୍ୟାଚ୍ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଇଜିଙ୍ଗ ଷ୍ଟାର ସମ୍ବଲପୁର ଏବଂ ବିସିସି ସୋନପୁର ମଧ୍ୟରେ ହୋଇଥିଲା। ସୋନପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ତିରିଶ ଓଭରରେ ସମସ୍ତ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲେ। ରାଇଜିଙ୍ଗ ଷ୍ଟାର ସମ୍ବଲପୁର ଦଳ ନିର୍ଦ୍ଧାରିତ ଓଭରରେ ମାତ୍ର ୮୨ ରନ୍ ସଂଗ୍ରହ କରି ଅଲ୍ ଆଉଟ୍ ହୋଇ ରନର ଟିମ୍ ଘୋଷିତ ହୋଇଥିଲା। ଫାଇନାଲ ମ୍ୟାଚରେ ସୋନପୁର ଦଳ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ବିଜେତା ବି ସି ସି ସୋନପୁର ଟିମକୁ ୧୦ହଜାର ଟଙ୍କାର ଚେକ୍ ଏବଂ ସୁଜାତା ଷଡ଼ଙ୍ଗୀ ମେମୋରିଆଲ ଟ୍ରଫି, ଉପବିଜେତା ସମ୍ବଲପୁର ଦଳକୁ ପୁରସ୍କାର ବାବଦକୁ ୭ହଜାର ଟଙ୍କାର ଚେକ୍ ଏବଂ ସୁଜାତା ଷଡ଼ଙ୍ଗୀ ମେମୋରିଆଲ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ତରଭା କ୍ରିକେଟ କ୍ଲବ୍‌ର ସଭାପତି ଅର୍ଜୁନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ସ୍ୱତନ୍ତ୍ର ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲା ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନୀରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ସମ୍ମାନିତ ଅତିଥି ଭାବରେ ବ୍ୟବସାୟୀ ଗୋପାଳ ଝାଝରିଆ, ତରଭା ଓକିଲ ସଂଘର ସମ୍ପାଦକ ସତ୍ୟନାରାୟଣ ନାଏକ, ତରଭା କ୍ରିକେଟ କ୍ଲବ୍‌ର ପ୍ରାକ୍ତନ କ୍ରୀଡା ବିତ୍ ତଥା ଏନ୍‌ଏସି କାଉନସିଲର ଆକବର ଅଲ୍ଲୀ ପ୍ରମୁଖ ମଞ୍ଚାସିନ ଥିଲେ। ଟୁର୍ଣ୍ଣାମେଣ୍ଟର ଧାରା ବିବରଣୀ ହିରଣ୍ମୟ ପଟ୍ଟନାୟକ ଏବଂ ନସାଦ ମହମ୍ମଦ କରିଥିବା ବେଳେ ନବାବ ମହମ୍ମଦ ଧନ୍ୟବାଦ ଦେଇଥିଲେ। ତରଭା କ୍ରିକେଟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




# ପୁଲିସ ଅଧିକାରୀଙ୍କୁ ଭେଟିଲେ ଡୁମାଲ ସମାଜ



ସୁବଳୟା, ୨୧।୨(ସମିସ): ବିରମହାରାଜପୁର ଉପଖଣ୍ଡିୟ ପୁଲିସ କାର୍ଯ୍ୟାଳୟରେ ନୂତନ ଭାବରେ ଯୋଗ ଦେଇ ଥିବା ଏସଡିପିଓ ହେମନ୍ତ ରାଓଙ୍କୁ ଜିଲ୍ଲା ଡୁମାଳ ପରିଷଦ ଓ ମାଁ ମାହେଶ୍ୱରୀ ସେନାର କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଆଇନଶୃଙ୍ଖଳା ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲା ଡୁମାଳ ପରିଷଦ ଉପଦେଷ୍ଟା ମୀନକେତନ ମହାକୁର, ଜିଲ୍ଲା ମାଁ ମାହେଶ୍ୱରୀ ସେନା ସଭାପତି ଅଶ୍ୱନି ମହାକୁର, ସୁଧାଂଶୁ କର୍ଣ୍ଣ, ରାମେଶ୍ୱର ଦେହେରି, ଆଲୋକ ଦେହୁରୀ, ଭଗବାନ କର୍ଣ୍ଣ, ଭକ୍ତ ଖେତି, ଭଜମନ ମେଣ୍ଡିଲି, ଆଲୋକ କର୍ଣ୍ଣ, ହରିହର ପଧାନ, ସତ୍ୟବାନ୍ ମହାକୁର, ମନ୍ତୁ ପଲତା, ଓ ଅଜିତ୍, ମହାକୁର୍, ଓ ଅନ୍ୟମାନେ ଉପସ୍ଥିତ ଥିଲେ।

